

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୩ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 July 2026

Vol.No. 36 ■ No.193 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ପେପର ଲିକ୍ ପ୍ରସଙ୍ଗରେ ସଂସଦରୁ ସଡ଼କ ତାତି: କଳା ପୋଷାକରେ ବିରୋଧୀଙ୍କ ପ୍ରତିବାଦ




ନୂଆଦିଲ୍ଲୀ,୨୨/୭ : ପେପର ଲିକ୍ ଏବଂ ନିଟ୍ ପରୀକ୍ଷାରେ ଅନିୟମିତତା ପ୍ରସଙ୍ଗକୁ ନେଇ ସଂସଦରୁ ସଡ଼କ ଯାଏଁ ପ୍ରତିବାଦ ତୀବ୍ର ହୋଇଛି । ମୌସୁମୀ ଅଧିବେଶନର ତୃତୀୟ ଦିନରେ ବିରୋଧୀ ସାଂସଦମାନେ କଳା ପୋଷାକ ପିନ୍ଧି ସଂସଦ ପରିସରରେ ପ୍ରତିବାଦ କରିଛନ୍ତି । ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଲାଠିଚାର୍ଜ, ପେପର ଲିକ୍ ଘଟଣା ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡ଼ିକ ଏହି ପ୍ରତିବାଦ କରିଛନ୍ତି । କଂଗ୍ରେସ ସାଂସଦମାନେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବାରୁ ସଂସଦରେ ହଟ୍ଟଗୋଳ ହୋଇଥିଲା । ଫଳରେ ଲୋକସଭା ଏବଂ ପରେ ରାଜ୍ୟସଭାର କାର୍ଯ୍ୟ ମୁଲତବୀ କରାଯାଇଥିଲା । କଂଗ୍ରେସ କହିଛି, ଛାତ୍ରଛାତ୍ରୀଙ୍କ ଦାବି ଯଥାର୍ଥ ଏବଂ ସେମାନେ ନିଜ ଅଧିକାର ପାଇଁ ଲଢ଼ୁଛନ୍ତି । ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେବା ଏବଂ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ବଳ ପ୍ରୟୋଗକୁ ନେଇ ମଧ୍ୟ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିଛନ୍ତି। ଏପଟେ ନିଟ୍ ପରୀକ୍ଷାରେ ଅନିୟମିତତା ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ଆନ୍ଦୋଳନ କରୁଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ମଧ୍ୟ ସମର୍ଥନ ବଢ଼ିବାରେ ଲାଗିଛି । ତାଙ୍କ ସମର୍ଥନରେ ଆମେରିକା, ବ୍ରିଟେନ୍ ଏବଂ ୟୁରୋପର ବିଭିନ୍ନ ସ୍ଥାନରେ ପ୍ରତିବାଦ ହୋଇଥିବା ଦାବି କରାଯାଇଛି । ନ୍ୟୁୟର୍କର ୟୁନିଅନ୍ ସ୍କୋୟାରରେ ମଧ୍ୟ ଲୋକେ ଏକାଠି ହୋଇ ୱାଙ୍ଗଚୁକ୍‌ଙ୍କ ସମର୍ଥନରେ ପ୍ଲାକାର୍ଡ ଧରିଥିଲେ ଏବଂ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଏହି ଘଟଣାକ୍ରମ ପରେ ନିଟ୍ ଅନିୟମିତତା ଏବଂ ପେପର ଲିକ୍ ପ୍ରସଙ୍ଗ ଏବେ କେବଳ ଦେଶ ଭିତରେ ସୀମିତ ନରହି ବିଦେଶରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ବିରୋଧୀ ଦଳଗୁଡ଼ିକ ଛାତ୍ରଛାତ୍ରୀଙ୍କ ଦାବି ଏବଂ ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ସରକାରଙ୍କ ଉପରେ ଚାପ ବଢ଼ାଇଥିବା ବେଳେ, ଏହି ପ୍ରସଙ୍ଗକୁ ନେଇ ଆଗକୁ ରାଜନୈତିକ ତାତି ଆହୁରି ବଢ଼ିବାର ସମ୍ଭାବନା ରହିଛି ।

# ଆନ୍ଧ୍ର ଦେଇ ଓଡ଼ିଶାକୁ ଫେରିଲା କରୋନା: ବ୍ରହ୍ମପୁରରେ ଜଣେ ସଂକ୍ରମିତ ଚିହ୍ନଟ



ଭୁବନେଶ୍ୱର, ୨୨/୭ (ନି.ପ୍ର): ଓଡ଼ିଶାରେ କରୋନା ସଂକ୍ରମଣ। ଆନ୍ଧ୍ରରେ ମାସକରେ ୧୨ ଆକ୍ରାନ୍ତ ଚିହ୍ନଟ ଖବର ଭିତରେ ଗଞ୍ଜାମରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମକେସିଜିରେ ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖି ଚିକିତ୍ସା କରାଯାଉଛି। ତେବେ ଦୁର୍ବଳ ପ୍ରଜାତିର କରୋନା ଭୂତାଣୁରେ ସଂକ୍ରମିତ ହୋଇଥିବାରୁ ଭୟ କରିବାରୁ କିଛି କାରଣ ନାହିଁ ବୋଲି କହିଛନ୍ତି ଡାକ୍ତର। ସେପଟେ ଏମକେସିଜି ମେଡିକାଲରେ କୋରୋନା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ଼ ସହ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲ୍ଲା ଦେଇ ପୁଣି ଓଡ଼ିଶାକୁ ଫେରଛି କରୋନା। ଗଞ୍ଜାମରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣେ ୫୦ ବର୍ଷୀୟା ମହିଳା ବୋଲି ସ୍ପଷ୍ଟ କରିଛନ୍ତି ଏମକେସିଜି କର୍ତ୍ତୃପକ୍ଷ। କିଛି ଦିନ ପୂର୍ବରୁ ମହିଳାଙ୍କୁ ଜ୍ୱର ହେବାରୁ ଚିକିତ୍ସା ପାଇଁ ମେଡିକାଲ ଆସିଥିଲେ। କରୋନା ପରୀକ୍ଷା ପରେ ମାମଲା ପଜିଟିଭ୍ ଆସିଛି। ତାଙ୍କୁ ସଙ୍ଗରୋଧ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି। କରୋନାର ମ୍ୟୁଟେଡ୍ ଭାରିଆଣ୍ଟରେ ଆକ୍ରାନ୍ତ ହୋଇଥିବାରୁ ଭୟ କରିବାର କିଛି ନାହିଁ ବୋଲି କହିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଆନ୍ଧ୍ର ପରେ ଗଞ୍ଜାମରେ କରୋନା ଚିହ୍ନଟ ହୋଇଥିବାରୁ ମହିଳାଙ୍କ ଟ୍ରାଭେଲ ହିଷ୍ଟ୍ରିର ଖୋଳତାଡ଼ ଚାଲିଛି । ଆନ୍ଧ୍ରରେ କରୋନା ମାମଲା ବଢ଼ିବା ପରେ ଗଂଜାମରେ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ସତର୍କ ହୋଇଛି ସ୍ୱାସ୍ଥ୍ୟ ବିଭାଗ। ବ୍ରହ୍ମପୁର ଗସ୍ତରେ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗ ସମେତ କରୋନା ସଂକ୍ରମଣର ମୁକାବିଲା ନେଇ ମଧ୍ୟ ଚର୍ଚ୍ଚା ହୋଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ଏବେ ପାଗ ପରିବର୍ତ୍ତନ ଯୋଗୁଁ ପ୍ରାୟ ସମସ୍ତେ ଥଣ୍ଡା ଜ୍ୱରରେ ପଡୁଛନ୍ତି। ବ୍ରହ୍ମପୁରରେ ଚିହ୍ନଟ ମାମଲା ମ୍ୟୁଟ୍ ଭାରିଆଣ୍ଟ। ଏହା ସାଧାରଣ ଜ୍ୱର ଚିକିତ୍ସାରେ ସୁସ୍ଥ ହୋଇପାରିବ। ଆନ୍ଧ୍ରପ୍ରଦେଶରେ ଜୁନ୍ ୨୬ରୁ ଜୁଲାଇ ୧୬ ମଧ୍ୟରେ ୧୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ତେଣୁ ଓଡ଼ିଶାରେ ସଂକ୍ରମଣ ଖବର ଶୁଣି ଲୋକଙ୍କ ମନରେ ଛନକା ପଶିଛି ।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି ଦୋହରାଇଲେ ନବୀନ

ଭୁବନେଶ୍ୱର, ୨୨/୭ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ ବୋଲି ପୁଣି ଦୋହରାଇଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିଲ୍ଲୀ ଗସ୍ତରୁ ଭୁବନେଶ୍ୱର ଫେରିବା ପରେ ରଖିଲେ ଏପରି ପ୍ରତିକ୍ରିୟା ରଖିଛନ୍ତି ନବୀନ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଗତକାଲି କହିସାରିଛି ଆନ୍ଦୋଳନ ସାରା ଦେଶରେ ଚାଲିଛି। ଆମେ ଓଡ଼ିଶାରେ ବି ଆନ୍ଦୋଳନ କରୁଛୁ। ଆଗକୁ ବି ବିଜେଡି ଓଡ଼ିଶାରେ ଆନ୍ଦୋଳନ କରିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଭାରତ ବର୍ଷର ସମସ୍ତେ ଚାହୁଁଛନ୍ତି। କେବଳ ଦେଶ ନୁହେଁ ବିଦେଶରେ ବି ଆନ୍ଦୋଳନ ଦେଖିବାକୁ ମିଳିଛି। ଛାତ୍ରମାନଙ୍କ ଉପରେ ପୋଲିସର ହିଂସାକାଣ୍ଡକୁ ନେଇ ସମସ୍ତେ ଚକିତ। ସଂସଦର ବିରୋଧୀଦଳ ନେତା ଓ ଅନ୍ୟ ସିନିୟର ନେତାଙ୍କୁ ରଫ୍ ବ୍ୟବହାର ହୋଇଛି। ପୋଲିସ ଯେଉଁଭଳି ରଫ୍ ବ୍ୟବହାର କଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ନବୀନ କହିଛନ୍ତି।

## ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସ୍ଥାପନ ହେବ ୬ଟି ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର, ୨୨/୭ (ନି.ପ୍ର): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଶୀଘ୍ର ଆଇନଗତ ନ୍ୟାୟ ପ୍ରଦାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିରୋଧ) ଆଇନ, ୧୯୮୯ ଅଧୀନରେ ଆସୁଥିବା ମାମଲାଗୁଡ଼ିକର ତ୍ୱରିତ ଶୁଣାଣି ଏବଂ ଦଣ୍ଡବିଧାନ ପାଇଁ ରାଜ୍ୟର ୬ଟି ଜିଲ୍ଲାରେ ଏକ୍ସକ୍ଲୁସିଭ୍ ସ୍ୱତନ୍ତ୍ର କୋର୍ଟ ସ୍ଥାପନ ନେଇ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇଛି। ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୨୬୩୯୫ ଅନୁଯାୟୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଓ ସହମତି କ୍ରମେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଛି। ଏହି ନୂତନ ସ୍ୱତନ୍ତ୍ର କୋର୍ଟଗୁଡ଼ିକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-କମ୍-ସ୍ୱତନ୍ତ୍ର କୋର୍ଟ ଭାବେ କାର୍ଯ୍ୟ କରିବେ। ଏଗୁଡ଼ିକ ଭଦ୍ରକ, ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, ଆବଶ୍ୟକୀୟ ସ୍ୱୀକୃତି ହାସଲ କରାଯାଇପାରିଛି।

◆◆ପୃଷ୍ଠା ୭

# ସିଏମଓରୁ ଫାଇଲ ଗାଏବ ମାମଲା: କଣ୍ଟ ପୂରିଲା ହେଲେ ହାଜର ହେଲେନି, ତଦନ୍ତକୁ ଫାଙ୍କୁଛନ୍ତି କି ରାଜେଶ ବର୍ମା

ଭୁବନେଶ୍ୱର, ୨୨/୭ (ନି.ପ୍ର): ସିଏମ୍‌ଓରୁ ଫାଇଲ୍ ଗାୟବ ମାମଲା। ତଦନ୍ତ ଅଗ୍ରଗତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କଲେ ପୁଲିସ କମିସନର । ଏସବୁ ଭିତରେ ତଦନ୍ତ ଆସି ଅଟକଛି ଆଇଏଏସ୍ ରାଜେଶ ବର୍ମାଙ୍କ ପାଖରେ । ଆଜି ହାଜର ହେବାର ଶେଷ ତାରିଖ ଥିଲେ ବି, ସେ ଧରାଛୁଆଁ ଦେଇନାହାନ୍ତି ।ସେପଟେ ରାଜସ୍ୱ ମନ୍ତ୍ରୀ ଦେଇଛନ୍ତି ବଡ଼ ବୟାନ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିସନ ରିପୋର୍ଟର ଫାଇଲ୍ ଗାୟବ ମାମଲାରେ ପୁଲିସକୁ ଧରାଛୁଆଁ ଦେଉନାହାନ୍ତି ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜେଶ ବର୍ମା । କ୍ୟାପିଟାଲ ଥାନାରେ ଆଜି ଦିନ ୧୧ ସୁଦ୍ଧା ହାଜର ହେବାକୁ ନୋଟିସ୍ କରିଥିଲା ପୁଲିସ । ପୂରା ଦିନ ବିତିଗଲା, କିନ୍ତୁ ରାଜେଶଙ୍କ ଦେଖା ମିଳିଲାନି । ତେଣୁ ଆଗକୁ ବଢ଼ିବ



◆◆ପୃଷ୍ଠା ୭

## ଫାଇଲ ଗାଏବ ମାମଲା: ବଢ଼ିଲା ପାଣ୍ଡିଆନଙ୍କ ଅଡୁଆ, ୨୫ରେ ହାଜର ହେବାକୁ ନୋଟିସ

ଭୁବନେଶ୍ୱର, ୨୨/୭ (ନି.ପ୍ର): ସିଏମଓରୁ ଫାଇଲ୍ ଚୋରି ଘଟଣାରେ ପୂର୍ବତନ ବରିଷ୍ଠ ଅଧିକାରୀ ଭି.କେ ପାଣ୍ଡିଆନ୍‌ଙ୍କୁ ନୋଟିସ୍। ଏକଦା ତୃତୀୟ ମହଲାର ସର୍ବେସର୍ବା ଥିବା ଭୈରବ କାର୍ତ୍ତିକେୟନ ପାଣ୍ଡିଆନଙ୍କୁ କମିସନରେଟ୍ ପୁଲିସ୍ ଆଗରେ ହାଜର ହେବାକୁ ସମନ। ପୁଲିସ କମିସନରେଟ୍ ଅନ୍ତର୍ଗତ କ୍ୟାପିଟାଲ୍ ପୁଲିସ



ଷ୍ଟେସନ ପକ୍ଷରୁ ପାଣ୍ଡିଆନଙ୍କୁ ହାଜର ହେବା ପାଇଁ ନୋଟିସ୍ ଜାରି ହୋଇଛି। ଆସନ୍ତା ୨୫ ଜୁଲାଇ ଦିନ ୧୧ଟାରେ ଭିକେ ପାଣ୍ଡିଆନଙ୍କୁ ହାଜର ହେବା ପାଇଁ ନୋଟିସ୍ ଜାରି ହୋଇଛି। ମାମଲାର ତଦନ୍ତ ସମୟରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ପାଣ୍ଡିଆନ ଏହି ଘଟଣାର ତଥ୍ୟ ଏବଂ ପରିସ୍ଥିତି ସମ୍ପର୍କରେ

◆◆ପୃଷ୍ଠା ୭

## ହିମାଚଳ, ଜମ୍ମୁ-କାଶ୍ମୀର ଓ ଉତ୍ତର ପୂର୍ବ ରାଜ୍ୟରେ ମୌସୁମୀ ବର୍ଷା : ୧୨୦ ମୃତ

ନୂଆଦିଲ୍ଲୀ,୨୨/୭ : ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶରେ ବ୍ୟାପକ ବର୍ଷା ଆଣିଛି। ପ୍ରବଳ ବର୍ଷା ଯୋଗୁ ଅନେକ ଧନଜୀବନ ନଷ୍ଟ ହୋଇଛି। ହିମାଚଳ ପ୍ରଦେଶ ଓ ଜମ୍ମୁ-କାଶ୍ମୀର ଏବଂ ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡରେ ବନ୍ୟା, ଭୂସ୍ଖଳନ ଯୋଗୁ ଅନେକ ଜୀବନ ଯାଇଛି। ଅନେକ ରାସ୍ତା ଓ ସେତୁ ବନ୍ୟା ଜଳରେ ଭାସି ଯାଇଛି। ରେଳସେବା ପ୍ରଭାବିତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ବର୍ଷା ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ସଂସ୍ଥାମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ଘରେ ପାଣି ପଶି କିମ୍ବା ଘର ଭୁଶୁଡ଼ି ପଡ଼ିବା ଯୋଗୁଁ ହଜାର ହଜାର ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡ଼ିଛି ।ଚଳିତ ଜୁଲାଇ ମାସରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା, ବାଦଲ ଫଟା ବର୍ଷା, ଭୂସ୍ଖଳନ, ବର୍ଷା ଯୋଗୁ ସଡ଼କ ଦୁର୍ଘଟଣା ଘଟଣାରେ ୬୬ ଜଣଙ୍କର ମୃତ୍ୟୁ ହୋଇଛି।

◆◆ପୃଷ୍ଠା ୭

## ଏନଡିଏକୁ ସମର୍ଥନ କରିବ କି ଶରଦଙ୍କ ଏନସିପି ? ମୋଦି-ପାୱାର ଭେଟ ପରେ ବଢ଼ିଲା ଚର୍ଚ୍ଚା

ନୂଆଦିଲ୍ଲୀ,୨୨/୭ : ମହାରାଷ୍ଟ୍ର ରାଜନୀତିରେ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି । ସଂସଦର ମୌସୁମୀ ଅଧିବେଶନରେ ଯୋଗଦେବା ପାଇଁ ଦିଲ୍ଲୀ ଆସିଥିବା ଏନସିପି ମୁଖ୍ୟ ଶରଦ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ ସମୟରେ ତାଙ୍କ ସହ ଝିଅ ତଥା ସାଂସଦ ସୁପ୍ରିୟା ସୁଲେ ମଧ୍ୟ ଉପସ୍ଥିତ ଥିଲେ । ଶରଦ ପାୱାର କିଛି କାଗଜପତ୍ର ଓ ଚିଠି ନେଇ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ଦେଖିବାକୁ ମିଳିଛି । ତେବେ ଦୁଇ ନେତାଙ୍କ ମଧ୍ୟରେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି, ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ । ମୋଦି-ପାୱାରଙ୍କ ଏହି ସାକ୍ଷାତ ପରେ ଶରଦ ପାୱାରଙ୍କ ଏନସିପି ଏନଡିଏକୁ ସମର୍ଥନ କରିବ କି ନାହିଁ, ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଛି । କାରଣ, ଏହାର ଠିକ୍ ? ଗୋଟିଏ ଦିନ ପୂର୍ବରୁ ଶରଦ ପାୱାର ଜନ୍ତରମନ୍ତରରେ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ଛାତ୍ରଛାତ୍ରୀଙ୍କ ଦାବିକୁ ସମ୍ବେଦନଶୀଳତାର ସହ ବିଚାର କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ । ତେବେ ଏହା ପରେ ପ୍ରଧାନମନ୍ତ୍ରୀଙ୍କ ସହ ଦୀର୍ଘ ସମୟର ସାକ୍ଷାତକୁ ନେଇ ବିଭିନ୍ନ ରାଜନୈତିକ ଆକଳନ କରାଯାଉଛି । ଏହି ସାକ୍ଷାତକୁ ନେଇ ଆଉ ଏକ ଚର୍ଚ୍ଚା ହେଉଛି ଯେ,

◆◆ପୃଷ୍ଠା ୭

## ସିଜେପିର ଆବେଦନକୁ ଶୁଣିଲେନି ସୁପ୍ରିମକୋର୍ଟ: କହିଲେ 'ଭିଡିଓ ଦେଖିବାକୁ ସମୟ ନାହିଁ'

ନୂଆଦିଲ୍ଲୀ,୨୨/୭ : ଦେଶର ରାଜଧାନୀ ଦିଲ୍ଲୀରେ ଛାତ୍ର ଆନ୍ଦୋଳନ ଓ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଦେଶର 'ସୁପ୍ରିମକୋର୍ଟ'ରେ ପହଞ୍ଚିଛି । ବଡ଼ କଥା ହେଉଛି ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଦେଇଛି । ସିଜେପିର ବିକ୍ଷୋଭ ପ୍ରଦର୍ଶନ ସମୟରେ ଛାତ୍ରଛାତ୍ରୀମାନଙ୍କ ଉପରେ ଦିଲ୍ଲୀ ପୁଲିସର କଠୋର କାର୍ଯ୍ୟାନୁଷ୍ଠାନକୁ ନେଇ ଜାରି ହୋଇଥିବା ଜରୁରୀ ଆବେଦନକୁ ଶୁଣାଣି କରିବାକୁ ମନା କରିଦେଇଛନ୍ତି ସୁପ୍ରିମକୋର୍ଟ। ଦେଶର ପ୍ରଧାନ ବିଚାରପତି ଉଔଓ ସୂର୍ଯ୍ୟକାନ୍ତ ଏହି ମାମଲାରେ ଶୁଣାଣି କରିବା ବେଳେ କଡ଼ା ଶବ୍ଦର




ପ୍ରୟୋଗ କରି ଜରୁରୀ ଶୁଣାଣିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସିଜେପିର ଆନ୍ଦୋଳନ ବେଳେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା ଯେଉଁଥିରେ ପୁଲିସ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ନିର୍ଯାତନାର ଭିଡିଓ ପ୍ରମାଣ ଦେଖାଇ ଜଣେ ଓକିଲ ଆବେଦନର ଜରୁରୀ ଶୁଣାଣି ପାଇଁ ପ୍ରଧାନ ବିଚାରପତିଙ୍କ ଆଗରେ ଗୁହାରି କରିଥିଲେ। ତେବେ ଶୁଣାଣି ଆରମ୍ଭରେ ହିଁ ସର୍ବୋଚ୍ଚ ଅଦାଲତ ଏହି ସମ୍ବେଦନଶୀଳ ମାମଲାରେ ଜରୁରୀ ହସ୍ତକ୍ଷେପ କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। କୋର୍ଟର କାର୍ଯ୍ୟାନୁଷ୍ଠାନ ସମୟରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ,

◆◆ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬

ଅବଗଣନା

୦୪ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ସମ୍ବଲପୁର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ଟିମ୍ ସଦସ୍ୟଙ୍କ ନାମ ଘୋଷଣା

ସମ୍ବଲପୁର,୨୨/୦୭ (ନି.ପ୍ର): ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଓ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ସଭାପତି ଇଂ. ପ୍ରଭୁଦତ ପଣ୍ଡା ଆଜି ତାଙ୍କର ଜିଲ୍ଲା ଟିମ୍ ର ସମସ୍ତ ପଦ ଓ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ ସୂଚନା ମୁତାବକ, ଜିଲ୍ଲା ଉପସଭାପତି ଭାବରେ ଅଭିଷେକ ମିଶ୍ର, କଂଚାନ ଲୁହା, ସୁବାସ ନାଏକ, ଶ୍ରୀଲୋଚନ କଠାର, ଉଦୟ ପ୍ରତାପ ସିଂଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଚନ୍ଦ୍ରଶେଖର ପାତ୍ର ଓ ରୋଶନ ରାଜକୁମାର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ସମ୍ପାଦକ ଭାବରେ ଅର୍ପଣ କୁମାର ଦାଶ ନାୟକ, ଧ୍ରୁବ ଧନୱାର, ଲୋରିନା ପଟେଲ, ନୀତିଶ ଅଗ୍ରୱାଲ, ଅପ୍ପୁ ପ୍ରଧାନ, ଅଜିତ କୁମାର ବୁଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପ୍ରିୟାନଶୁ ଅଗ୍ରୱାଲଙ୍କୁ ଜିଲ୍ଲା କୋଷଧକ୍ଷ ଦାୟିତ୍ୱ ଦିଆଯାଇଛି । ସେହିପରି ଯୁବ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହିମାଂଶୁ ବାଗ, ଜୟନ୍ତ ମହାପାତ୍ର, ସୌମ୍ୟ ରଞ୍ଜନ ବଡ଼ପଣ୍ଡା, ପ୍ରତାପ ତ୍ରିପାଠୀ, ଅମିତ ପ୍ରତାପ ସିଂ, ଓଁପ୍ରକାଶ ପ୍ରଧାନ, ବିବେକ ରାଏ, ପ୍ରଦୀପ ସେଠି, ରୋଚିସ ଦେ, ସୌଗନ ବିଶ୍ୱାଲ, ଶାନ୍ତନୁ ରୋହିଦାସ, ପପୁନ ମୁଦୁଲି, ସୁଭମ ନାଏକ, ରଞ୍ଜନ ବିଶ୍ୱାଲ, କୃତିକା ଲୁହା, ଦଶରଥ ମେହେର, ବିକୁ ନାଏକ, ରୋହିତ ପ୍ରଧାନ, ସ୍ୱାଗତ ବିଶ୍ୱାଲ, ବିରେନ୍ଦ୍ର ମୁଣ୍ଡା, ରିକୁ ପଟେଲ, ଅଜିତ କୁମାର ସାହୁ, ଗୋବିନ୍ଦ ଗଣ୍ଡ, ରାଜେଶ ଗରଡ଼ିଆ, ଶାନ୍ତନୁ କୁମାର ଦାନୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

ଏହା ସହିତ ବିଭିନ୍ନ ପ୍ରକୋଷ୍ଠର ସଂଯୋଜକ ଓ ସହ ସଂଯୋଜକଙ୍କ ନାମ ମଧ ଘୋଷଣା କରାଯାଇଛି । ସମସ୍ତ ପ୍ରକୋଷ୍ଠର ଭାରପ୍ରାପ୍ତ ଅଧିକାରୀ ଭାବେ ଅଭିନବ ପ୍ରଣିଗ୍ରାହୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଇନ ପ୍ରକୋଷ୍ଠର ସଂଯୋଜକ ଭାବେ ସ୍ୱାଗତ ଘଡେଇ ଏବଂ ସହ ସଂଯୋଜକ ଭାବେ ପ୍ରତୀକ ମହାପାତ୍ର ଓ ସ୍ୱାଗତ ପାଢୀ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରକୋଷ୍ଠର ସଂଯୋଜକ ଭାବରେ ସଂଲାପ ମହାପାତ୍ର ଓ ସହ ସଂଯୋଜକ ଭାବେ ରୌନକ ସାହୁ, ସାମାଜିକ ଗଣମାଧମ ସଂଯୋଜକ ଭାବରେ ସୌମ୍ୟ ରଞ୍ଜନ ସାସନୀ ଓ ସହ ସଂଯୋଜକ ଭାବେ ସୋମ ପ୍ରକାଶ ମେହେର, ଗଣମଧାମ ସଂଯୋଜକ ଭାବରେ ଆୟୁଷ୍ମାନ ଦାଶ ଓ ସହ ସଂଯୋଜକ ଭାବରେ ଦୀପକ କୁମାର ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ ଭାବେ ସୁମନ୍ତ କୋକ୍, ସାଂସ୍କୃତିକ ସଂଯୋଜକ ଭାବେ ଧୀରଜ କରାଳୀ, ଆରଟିଆଇ ସଂଯୋଜକ ଭାବେ ବିନାୟକ ରାମ, ମନ କି ବାତ ସଂଯୋଜକ ଭାବେ ରିଙ୍କୁଲାଲ ପ୍ରଧାନ, ରକ୍ତଦାନ ସଂଯୋଜକ ଭାବେ ଆଦିତ୍ୟ ପୁରୋହିତ, ବେଟି ବଚାଓ ବେଟି ପଢାଓ ସଂଯୋଜିକା ଭାବେ ତପସ୍ୱିନୀ ସାହୁ, ଖେଲୋ ଇଣ୍ଡିଆ ସଂଯୋଜକ ଭାବେ ମନୋଜ ଷଣ୍ଢ, ବୃକ୍ଷରୋପଣ ଓ କୃଷି ଉଦ୍ୟମିତା ସଂଯୋଜକ ଭାବେ ମଳୟ ଦେହୁରୀ, ଯୁବ କ୍ଲବ ଆଉଟ୍ରିଚ୍ ଓ ଜନସମ୍ପର୍କ ସଂଯୋଜକ ଭାବେ ଦୀପକ କୁମ୍ଭାର ଓ କ୍ରୀଡ଼ା ସଂଯୋଜକ ଭାବେ ରାଜା ଜୟପୁରିଆ ଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସଂଗଠନକୁ ଅଧିକ ସୁଦୃଢ଼ କରିବା, ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଂଚାଇବା ଏବଂ ଯୁବମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ନୂତନ ପଦାଧିକାରୀମାନେ ସଂଗଠନର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ମଧ୍ୟରେ ପହଂଚାଇବା ସହ ଜିଲ୍ଲାରେ ଯୁବ ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବା ପାଇଁ କାମ କରନ୍ତୁ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ତଥା ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ମାନସ ରଞ୍ଜନ ବକ୍ସି ଆହ୍ୱାନ ଦେଇଛନ୍ତି ।

# ଭୋଟର ତାଲିକାର ସଂଶୋଧନ ନେଇ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଉତ୍ତରାଚଂଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ଓ ଆଲୋଚନା

ଝାରସୁଗୁଡ଼ା,୨୨/୦୭ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥିତ ଡି.ଏମ୍.ଏଫ୍. ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତରାଚଂଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ସମସ୍ତ ନିର୍ବାଚନୀ ପ୍ରକ୍ରିୟା ଓ ବ୍ୟବସ୍ଥାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳ ଯଥା, ଭାରତୀୟ ଜନତା ପାର୍ଟିର ସାଂସଦ ଓ ବିଧାୟକଙ୍କ ପ୍ରତିନିଧି ଏବଂ ଜିଲ୍ଲା ସଭାପତି, ଭାରତୀୟ ଜାତୀୟ କଂଗ୍ରେସ, ବିଜୁ ଜନତା ଦଳ, ବହୁଜନ ସମାଜ ପାର୍ଟି, କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧିମାନେ ଉପସ୍ଥିତ ରହି ଭୋଟର ତାଲିକା ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସରନା, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ଯାଦବ, ବିଜେପି ନେତା ଲକ୍ଷ୍ମୀକାନ୍ତ ପାତ୍ର, ବିଜେପି ନେତା ପ୍ରେମସେନ ରାୟ, ସି.ପି.ଆଇ. ରୁ ବାସୁଦେବ ଶର୍ମା, ବି.ଏସ.ପି. ରୁ ଲକ୍ଷ୍ମଣ ବର୍ମା, ସି.ପି.ଆଇ. (ଏମ୍) ରୁ ଗୌରୀଶଙ୍କର ପାତ୍ର, ଜିଲ୍ଲା କଂଗ୍ରେସ କମିଟିରୁ ମନୀଷ ବାଜପେୟୀ ଏବଂ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପବନ ସିଂହ ଯାଦବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଉତରାଚଂଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ନିରୀକ୍ଷକ ସଂଗ୍ରାମ କେଶରୀ ମହାପାତ୍ର ପ୍ରକାଶ କରିଥିଲେ ଯେ, 'ଗଣତନ୍ତ୍ରର ମୂଳଦୁଆକୁ ଅଧିକ ମଜବୁତ କରିବା ପାଇଁ ଏକ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ। ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ନିଜର ମତାଧିକାରରୁ ବଂଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ।' ଏହି ବୈଠକରେ ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦାବି ଓ ଆପତି ରିପୋର୍ଟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୁଥ୍ ସ୍ତରୀୟ ସହାୟତା, ବୁଥ୍ ଚିହ୍ନଟ ପ୍ରକ୍ରିୟା ଏବଂ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକୁ ଅଧିକ ସୁଗମ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ବାବଦରେ ସମୀକ୍ଷା ହୋଇଥିଲା। ଏତଦ୍ ବ୍ୟତୀତ, ଭୋଟର ତାଲିକାରେ ବାସସ୍ଥାନ ପରିବର୍ତ୍ତନ, ବିବାହ କାରଣରୁ ନାମ ସ୍ଥାନାନ୍ତର କିମ୍ବା ବାଦ୍ ପଡ଼ିବା ଏବଂ ନାମ ସଂଶୋଧନ ସମ୍ପର୍କିତ ବିଭିନ୍ନ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଡିଓ ଏବଂ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ କୌଣସି ପ୍ରକାରର ପକ୍ଷପାତିତା ନରଖି ସମ୍ପୂର୍ଣ୍ଣ ନିରପେକ୍ଷତା, ସ୍ୱଚ୍ଛତା ଓ ଗ୍ରହଣୀୟତା ଅବଲମ୍ବନ କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଏହି ବୈଠକରେ ଲଳିତ କୁମାର ସୋରେନ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଇ.ଆର.ଓ. (୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ), ସବ୍ୟସାଚୀ ପଣ୍ଡା, ଉପ-ଜିଲ୍ଲାପାଳ, ଝାରସୁଗୁଡ଼ା ତଥା ଇ.ଆର୍.ଓ. (୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ), ଲୋପାମୁଦ୍ରା କାଲୋ, ଡେପୁଟି କଲେକ୍ଟର (ନିର୍ବାଚନ), ରୀତାକାନ୍ତି ବଳିଆରସିଂହ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, କୃଷ୍ଣାକେଶୀ ବଳିଆରସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ନୋଡାଲ ଅଫିସର ନିର୍ବାଚନ (ମିଡିଆ), ଝାରସୁଗୁଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ । ବୈଠକ ଶେଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମସ୍ତ ଅଧିକାରୀ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ଶୋଚନୀୟ ମୃତ୍ୟୁ

ନୂଆପଡ଼ା,୨୨/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ ସୁନାପୁର ଶିବ ମନ୍ଦିର ନିକଟରେ ବିଜୁ ଏକ୍ସପ୍ରେସ ୱେରେ ଆଜି ସକାଳ ଦଶ ଘଟିକା ସମୟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଅଜଣା ଗାଡ଼ିର ଧକ୍କାରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣକ ସୁନାପୁର ଗ୍ରାମର ଲୋକେଶ୍ୱର କାଣ୍ଡ (୨୪) ବୋଲି ଜଣାପଡିଛି । ଏଥିରେ ଅନ୍ୟ ଜଣେ ଯୁବକ ପ୍ରେମ ସିଂ କାଣ୍ଡ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଉଦ୍ଧାର କରି ବୋଡ଼େନ ଗୋଷ୍ଠି ଚିକିତ୍ସାଳୟରେ ଭର୍ତି କରାଯାଇଛି । ଘଟଣା ସ୍ଥଳରେ ପୋଲିସ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛି ।

# ଚୋରି ମାମଲାରେ ୨ ଦୋଷୀଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡ

ଝାରସୁଗୁଡ଼ା,୨୨/୦୭ (ନି.ପ୍ର): ଚୋରି ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଝାରସୁଗୁଡ଼ା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ସିଜେଏମ୍) ସ୍ମୃତି ରଞ୍ଜନ ମହାପାତ୍ର ୬ ବର୍ଷର ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଦଣ୍ଡିତ ଅଭିଯୁକ୍ତମାନେ ହେଲେ ସୁରେନ୍ଦ୍ର ସେଠ୍ ଓ ଅନନ୍ତ ଧୁରୁଆ। ୨୦୨୩ ମସିହା ଜାନୁଆରୀ ୯ ଓ ୧୦ ତାରିଖ ମଧରାତ୍ରିରେ ବ୍ରଜରାଜନଗର ଥାନା ଅନ୍ତର୍ଗତ ରେମ୍ଫ୍ଟା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ତାଲା ଭାଙ୍ଗି ନଗଦ ଟଙ୍କା, ସୁନା ଗହଣା, ବ୍ୟାଙ୍କ ପାସ୍ବୁକ୍, ଏଟିଏମ୍ କାର୍ଡ, ଆଧାର କାର୍ଡ ସମେତ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଚୋରି କରାଯାଇଥିଲା। ଏନେଇ ବ୍ରଜରାଜନଗର ଥାନାରେ କେସ୍ ନଂ-୧୧/୨୦୨୩ ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ବୟାନ ଆଧାରରେ ଚୋରି ହୋଇଥିବା ନଗଦ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିଲା। ପରେ ଜବତ ସାମଗ୍ରୀ ଜିମାନାମା ମାଧ୍ୟମରେ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଇଥିଲା। ଅଦାଲତରେ ଉପସ୍ଥାପିତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ସିଜେଏମ୍ କୋର୍ଟ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାଟିକୁ ସରକାରୀ ଓକିଲ ଅନୁପ କୁମାର ମିଶ୍ର ଓ ପଦ୍ମନାଭ ମାଳୀ ପରିଚାଳନା କରୁଥିଲେ। ଝାରସୁଗୁଡ଼ା ପୋଲିସ ପକ୍ଷରୁ କୁହାଯାଇଛି ଯେ, ନିଷ୍ପାପର ତଦନ୍ତ, ସରକାରୀ ଓକିଲଙ୍କ ସଠିକ୍ ଆଇନଗତ ଉପସ୍ଥାପନା ଏବଂ ସାକ୍ଷୀମାନଙ୍କ ସହଯୋଗ ଯୋଗୁଁ ମାମଲାର ସଫଳ ବିଚାର ସମ୍ଭବ ହୋଇଥିଲା।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ତଥା ସାଇବର ସଚେତନତା ଶିବିର

ଭଦ୍ରକ,୨୨/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ତଥା ସାଇବର ସଚେତନତା ଶିବିର ମନ୍ଦାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ମନ୍ଦାରି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧକ୍ଷ, ଭଦ୍ରକ ଡାକ ବିହାଗର ବିଜନେସ ଏକ୍ଜିକ୍ୟୁଟିଭ, ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନା ର ଅଧକ୍ଷ ଦୟାନିଧି ଦାସ, ବାସୁଦେବପୁର ଥାନାର ଏସ୍ ଆଇ, ଭଦ୍ରକ ଲିଡ୍ ବ୍ୟାଙ୍କ ର ସି ଏଫ୍ ଏଲ୍ ଅଶ୍ୱିନୀ କୁମାର ନାୟକ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ଓ ବସୁଦେବପୁର ଥାନା ର ଏସ ଆଇ ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ ଓ ପିଲାମାନଙ୍କୁ ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇ ଥିଲେ। ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ପଦ୍ମନ କୁମାର ରାୟ ଓ ମନ୍ଦାରି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ପିଲାମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମନ୍ଦାରୀ ମହାବିଦ୍ୟାଳୟଓ ଉଚ୍ଚ ବିଦ୍ୟାଳୟର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ, ମହାବିଦ୍ୟାଳୟ ର କର୍ମକର୍ତା ଓ ଡାକ ବିଭାଗ ଏଜେଂଟ ମାନେ ଯୋଗଦେଇଥିଲେ । 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' ଏହି ଥିମ୍ ରେ ସଭାଟି ଆୟୋଜିତ ହୋଇଥିଲା।

# ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଚିନ୍ତନ ବୈଠକ

ଜୟପୁର,୨୨/୦୭ (ନି.ପ୍ର): ଭୁବନେଶ୍ୱରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭବନ ଠାରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ବୈଠକ ଭୃଗୁ ବକ୍ସିପାତ୍ରଙ୍କ ସଭାପତିତ୍ୱରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଦକ୍ଷିଣ ଓଡ଼ିଶାର ୭ଟି ଜିଲ୍ଲା ଅନ୍ତର୍ଗତ ୧୨ଟି ଉପଖଣ୍ଡର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଜନକଲ୍ୟାଣମୂଳକ ୪୫ଟି ସଂଗଠନର ୧୫୦ରୁ ଅଧିକ ପ୍ରତିନିଧି ବୃନ୍ଦ ଏବଂ ବହୁ ବିଶିଷ୍ଟ ବୃଦ୍ଧିଜୀବୀ ଅଂଶଗ୍ରହଣ କରି ଦୁଇଟି ଅଧିବେଶନ ମାଧମରେ ମାନସ ମନ୍ଥନ କରିଥିଲେ।ଦକ୍ଷିଣ ଓଡ଼ିଶାର ସାମଗ୍ରିକ ବିକାଶ, ଅବହେଳିତ ଅଂଚଳଗୁଡ଼ିକର ଉନ୍ନତି ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ସମ୍ପର୍କରେ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସ୍ୱର ଉଠାଉଥିବା ସଂଗଠନର ପ୍ରତିନିଧ ଏବଂ ବ୍ୟକ୍ତିବିଶେଷ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ ଏବଂ ପ୍ରସ୍ତାବ ପ୍ରଦାନ କରିଥିଲେ । ୧୫ ସୂତ୍ରୀ ବିଷୟବସ୍ତୁକୁ ବିସ୍ତୃତ ଭାବରେ ଆଲୋଚନା କରିବା ସହ ସେଥିରେ ଅନେକ ବିକାଶମୂଳକ ପ୍ରସଙ୍ଗ ଯୋଡ଼ି ଏକ ଚିଠା ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ଦେବା ପାଇଁ ଉନ୍ନୟନ ପରିଷଦର ଚିନ୍ତନ ବୈଠକରେ ନିଷ୍ପରି ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପରି ନିଆଗଲା ଯେ, ଦକ୍ଷିଣ ଓଡ଼ିଶାର ଜନସାଧାରଣ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ବିକାଶମୂଳକ ପ୍ରସଙ୍ଗଗୁଡ଼ିକୁ ଲିଖିତ ଆକାରରେ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣି ତାହାର ତ୍ୱରିତ ସମାଧାନ ପାଇଁ ଅନୁରୋଧ କରାଯିବ। ଏଥିସହିତ ଦକ୍ଷିଣ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ଓ ସମନ୍ୱିତ ବିକାଶ ପାଇଁ ସମସ୍ତ ସଂଗଠନ ଓ ସଚେତନ ନାଗରିକ ଏକ ସ୍ୱରରେ ଏକତ୍ରିତ ହୋଇ ନିୟମିତ ବ୍ୟବଧାନରେ ଚିନ୍ତନ ବୈଠକ ଆୟୋଜନ କରିବା ସହ ସାମୂହିକ ଦାୟିତ୍ୱ ନିର୍ବାହ କରିବାକୁ ଦୃଢ଼ ସଂକଳ୍ପ ବ୍ୟକ୍ତ କରିଥିଲେ। ଦକ୍ଷିଣ ଓଡ଼ିଶାର ଅବସରପ୍ରାପ୍ତ ପ୍ରଫେସର, ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରର ଗବେଷକ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କ ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଓ ସାମାଜିକ କର୍ମୀ, ଅଧବକ୍ତା, ସାମ୍ବାଦିକ ଅନୁଭବ ଓ ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ । ବର୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ନିଷ୍ପରିକୁ ସ୍ୱାଗତ କରାଯାଇଥିଲା। ସରକାରଙ୍କ ନିଷ୍ପରି କେବଳ ଘୋଷଣାରେ ନରହି ତୁରନ୍ତ ବାସ୍ତବତାରେ ପରିଣତ କରି କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଚାପ ସୃଷ୍ଟି ପାଇଁ ମାଲକାନଗିରି ଠାରୁ ଗଞ୍ଜାମ ଯାଏଁ ଏକ ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି କରିବା ପାଇଁ ନିଷ୍ପରି ହୋଇଥିବା ନେଇ ସଭାପତି ଭୃଗୁ ବକ୍ସିପାତ୍ର ସୂଚନା ଦେଇଥିଲେ ।

# ଶୁଖିଲା ସତୀଗୁଡା ଡ୍ୟାମ, ଜୟପୁର ସହରରେ ପାନୀୟ ଜଳ ଯୋଗାଣ ଠପ୍

ଜୟପୁର,୨୨/୦୭ (ନି.ପ୍ର): ଲଗାଣ ବର୍ଷା ସତ୍ତ୍ୱେ ମଧ ଜୟପୁର ସହରରେ ଦେଖାଦେଇଛି ଜଳ ସଙ୍କଟ। କୋରାପୁଟ ଜିଲ୍ଲାର ସତିଗୁଡା ଡେମରେ ପର୍ଯ୍ୟାପ୍ତ ପାଣି ନଥିବାରୁ ସହରକୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି।ଡେମର ଜଳସ୍ତର କମ୍ ରହିଥିବାରୁ ସହରର ବିଭିନ୍ନ ୱାର୍ଡକୁ ନିୟମିତ ପାଣି ଯୋଗାଣ ହୋଇପାରୁ ନାହିଁ। ଫଳରେ ପାଣି ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ବର୍ଷା ଲାଗି ରହିଥିବା ବେଳେ ଅନ୍ୟପଟେ ଡେମକୁ ପର୍ଯ୍ୟାପ୍ତ ଜଳ ପ୍ରବେଶ ନ କରିବା ପ୍ରଶାସନର ଜଳ ପରିଚାଳନାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଯଦି ଖୁବଶୀଘ୍ର ଡେମର ଜଳସ୍ତରରେ ସୁଧାର ନ ଆସେ, ତେବେ ଜୟପୁର ସହରରେ ପାନୀୟ ଜଳ ସଙ୍କଟ ଆହୁରି ଗମ୍ଭୀର ହେବାର ଆଶଙ୍କା କରାଯାଉଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାର ମାଛକୁଣ୍ଡ ପରେ ବାଲିମେଳାରୁ ବିଦ୍ୟୁତ୍ ଉତ୍ପାଦନ ଠପ୍ ହୋଇଯାଇଛି। ୬ଟି ୟୁନିଟ୍ ରୁ ଘଣ୍ଟାକୁ ଉତ୍ପାଦନ ହେଉଥିଲା ୩୬୦ ମେଗାୱାଟ୍। ଉପର ମୁଣ୍ଡରେ ବର୍ଷା କମ୍, ଜଲାପୁଟ ଡ୍ୟାମ୍ ରୁ ଆସୁନି ପାଣି। ଖରିଫ ଚାଷ ଲାଗି ଜଳ ସଂରକ୍ଷଣ ପାଇଁ ପ୍ରଶାସନର ପଦକ୍ଷେପ ନେଉଥିବା ଜଣାଯାଇଛି । ଖୁବଶୀଘ୍ର ଅଧା ଓଡ଼ିଶା ଅନ୍ଧାର ହୋଇଯିବ । ଶକ୍ତି ସଂକଟ ଦେଇ ଏବେ ଆମ ରାଜ୍ୟ ଗତି କରୁଛି । ଓଡ଼ିଶା ଏବେ ଭୀଷଣ ଶକ୍ତି ସଂକଟର ସମ୍ମୁଖୀନ ହୋଇଛି । କୋରାପୁଟ ଜିଲ୍ଲାର ମାଛକୁଣ୍ଡ ପରେ ଶନିବାର ମାଲକାନଗିରି ଜିଲ୍ଲାର ବାଲିମେଳା ଜଳଭଣ୍ଡାରରୁ ବିଦ୍ୟୁତ୍ ଉତ୍ପାଦନ ଠପ୍ ହୋଇଯାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲାର ଦୁଇ ପ୍ରମୁଖ ଜଳ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ବନ୍ଦ ହେବା ପରେ ଅଧା ଓଡ଼ିଶାରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଉପର ମୁଣ୍ଡରେ କମ୍ ବର୍ଷା ଓ ଜଲାପୁଟ ଡ୍ୟାମ୍ ରୁ ବାଲିମେଳାକୁ ପାଣି ଆସୁନଥିବାରୁ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇଛି । ଜଳଭଣ୍ଡାରରେ ମାତ୍ର ୧୩ ପ୍ରତିଶତ ଜଳ ଗଚ୍ଛିତ ଥିବାରୁ ଖରିଫ ଚାଷ ପ୍ରଭାବିତ ଆଶଙ୍କାରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖିବାକୁ ନିଷ୍ପତି ନେଇଛି ଜଳସମ୍ପଦ ବିଭାଗ । ଫଳରେ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି) ଦ୍ୱାରା ପରିଚାଳିତ ବିଦ୍ୟୁତ୍ କେନ୍ଦ୍ରର ୬ଟି ୟୁନିଟ୍ ବନ୍ଦ ରହିଛି । ଅନ୍ୟପକ୍ଷରେ ମାଛକୁଣ୍ଡ ଜଳବିଦ୍ୟୁତ୍ କେନ୍ଦ୍ରରେ ଅଗ୍ନିକାଣ୍ଡ ପରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଛି । ଜଲାପୁଟ ଡ୍ୟାମ୍ ରୁ ଆବଶ୍ୟକ ପରିମାଣର ପାଣି ତଳମୁଣ୍ଡରେ ଥିବା ବାଲିମେଳା ଜଳଭଣ୍ଡାରକୁ ଆସିପାରୁନି । ଫଳରେ ଓଏଚପିସି ୟୁନିଟ୍ କୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।

ଓଏଚପିସିର ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ କହିଛନ୍ତି, ଜଳାଶୟର ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ । ବର୍ତମାନ ଜଳଭଣ୍ଡାରରୁ ୬୦୦ କ୍ୟୁସେକ୍ ଜଳ ଛାଡ଼ାଯାଉଥିବା ବେଳେ ଏହାକୁ ୨୦୦୦ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ାଇବାକୁ ଯୋଜନା ରହିଛି । ପୋଟେରୁ ସେଚ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନାନୁସାରେ, ବାଲିମେଳା ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୧୫୧୬ ଫୁଟ । କ୍ୟାଚମେଣ୍ଟ ଅଂଚଳରେ କମ୍ ବର୍ଷା କାରଣରୁ ଜଳସ୍ତର ଏବେ ୧୪୫୫.୬୦ ଫୁଟକୁ ଖସି ଆସିଛି । ୨୦୨୫ ଏହି ସମୟରେ ଜଳଭଣ୍ଡାରରେ ୧୯.୯୪ ପ୍ରତିଶତ ପାଣି ଗଚ୍ଛିତ ଥିଲା । ଗତ ବର୍ଷ ଏହି ସମୟରେ ଜଳଭଣ୍ଡାର କ୍ୟାଚମେଂଟ ଅଂଚଳରେ ୭୭୮ ମି.ମି. ବର୍ଷା ହୋଇଥିଲା । ଚଳିତ ବର୍ଷ କ୍ୟାଚମେଂଟ ଅଂଚଳରେ ୫୧୯ ମି.ମି. ବର୍ଷା ରେକର୍ଡ କରାଯାଇଛି । ପୂର୍ବ ବର୍ଷ ଅପେକ୍ଷା ୨୫୯ ମି.ମି. କମ୍ ବର୍ଷା ହୋଇଥିବାରୁ ଜଳସ୍ତର ଖସିବାରେ ଲାଗିଛି । ବାଲିମେଳା ଜଳାଶୟର ଜଳସ୍ତର ସ୍ଥିର ରଖିବା ପାଇଁ ମାଛକୁଣ୍ଡ ସ୍ଥିତ ଜଲାପୁଟ୍ ଡ୍ୟାମ୍ ରୁ ଅଧିକ ଜଳ ଛାଡ଼ିବାକୁ ଆନ୍ଧ୍ର ପାୱାର ଜେନେରେସନ୍ କର୍ପୋରେସନ୍ କୁ ଅନୁରୋଧ କରାଯାଇଛି । ଜଳସ୍ତର ସନ୍ତୋଷଜନକ ସ୍ଥିତିକୁ ଫେରିଲେ ପୁନର୍ବାର ଓଏଚପିସି ବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ କରିବ ବୋଲି ବିଭାଗ ସୂଚନା ଦେଇଛି । ସୂଚନାଯୋଗ୍ୟ, ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପର ୮ଟି ୟୁନିଟ୍ ମାଧ୍ୟମରେ ଘଂଟାକୁ ୫୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା । ୨ଟି ୟୁନିଟ୍ ର ମରାମତି ଚାଲିଥିବାରୁ ୬ଟି ୟୁନିଟ୍ ରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲା । ବର୍ତମାନ ଅବିଭକ୍ତ କୋରାପୁଟ ଜିଲାରେ ଜଳ ସଂଙ୍କଟ ଦେଖା ଗଲାଣି । ଫଳରେ ଜିଲ୍ଲାବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି ।

# କୋରାପୁଟ ଜିଲ୍ଲାରେ ବଢୁଛି ଅପରାଧ, ଚୋରା ନିଶା କାରବାର

ଜୟପୁର ,୨୨/୦୭ (ନି.ପ୍ର): କୋରାପୁଟ ଜିଲା ସମେତ ଜୟପୁର ସହର ରେ ଚୋରା ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି । ଏହାର ପ୍ରଭାବରେ ନାବାଳକ ଓ ଯୁବକମାନେ ନିଶାଗ୍ରସ୍ତ ହୋଇ ଅପରାଧ ମୁହାଁ ହେଉଥିବା ନେଇ ବୁଦ୍ଧିଜୀବୀ ଓ ସହରବାସୀ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, କୋରପୁଟ ଜିଲାର ଜୟପୁର , କୋରାପୁଟ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, କୋଟପାଡ, ନନ୍ଦପୁର, ପାଡୁଆ, ଲକ୍ଷ୍ମୀପୁର ସହରର ବିଭିନ୍ନ ଚୋରା ଦେଶୀ ଓ ବିଦେଶୀ, ନକଲି ବିଦେଶୀ ମଦ, ଗଞ୍ଜେଇ, କଫ ସିରପ, ନିଶା ଇଞ୍ଜେକସନ୍ ଖୋଲାଖୋଲି ବିକ୍ରି ହେଉଛି ।ଫଳରେ ଅନେକ ନାବାଳକ ଓ ଯୁବପିଢ଼ି ଏହି ନିଶା ଜାଲରେ ଫସି ଅପରାଧ ପଥକୁ ଆପଣାଉ ଥିବା ଦେଖାଯାଉଛି । ବିଭିନ୍ନ ଯାନୀ ଯାତ୍ର ସମୟରେ ନିଶାଗ୍ରସ୍ତ ହୋଇ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଝଗଡ଼ା ପରବର୍ତ୍ତୀ ସମୟରେ ଛୁରାମାଡ଼ ଭଳି ଘଟଣା ଦେଖିବାକୁ ମିଳିଥାଏ । ଏହି ପରି ସ୍ଥିତି କୁ ଅନୁମାନ କଲେ ନାବାଳକ ମାନେ ପଥଭ୍ରଷ୍ଟ ହେବା ଲକ୍ଷ୍ୟ କରାଯାଇଛି । ସହରର ବିଭିନ୍ନ ରାସ୍ତା କଡରେ, ଛକ, ବଜାର, ଯେଉଁଠି କୁ ବି ଦେଖ ଖୁଲୁମ ଖୁଲା ଭାବେ ଯୁବ ପିଢ଼ି ସହ ନାବାଳକ ମଧ ନିଶା କାରବର ରେ ମାତାଲ ହେଉଥିବା ଦେଖିବାକୁ ମିଳୁଛି । ବିଶେଷକରି ଗଞ୍ଜାଇ ସେବନ କରୁଥିବା ଯୁବକଙ୍କ ସଂଖ୍ୟା ବଢୁଥିବା ବେଳେ ସ୍ଥାନୀୟ ଯୁବକ ମାତାଲ ହୋଇ ବୁଲୁଥିବା ଦେଖାଯାଉଛି । ଜୟପୁର ଟାଉନ ପୋଲିସ ନିଶା କାରବାରର ପ୍ରଦାଫସ କରି ଗତ ଦିନରେ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲ । ସହରର ଅନେକ ସ୍ଥାନରେ ଯୁବ ଗୋଷ୍ଠୀ ନିଶା ସେବନ କରି ମାତାଲ ହେଉ ଥିବା ଯୋଗୁଁ ଦୈନ ଦିନ ଚୋରି ବଢୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଜୟପୁର ସହର ନିକଟରେ ବିଭିନ୍ନ ଚୋରା ବିଦେଶୀ ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଏହାର ପ୍ରଭାବରେ ଅନେକ ଶ୍ରମିକଙ୍କ ପରିବାର ଆର୍ଥିକ ଓ ସାମାଜିକ ସଙ୍କଟରେ ପଡୁଥିବା କୁହାଯାଉଛି । ମଦ ଚଢାଉରେ ପୋଲିସର କ୍ଷମତା କମି ଯାଇଥିବାରୁ ପୋଲିସ ଆଉ ଚୋରା ମଦ ଉପରେ ଚଢ଼ଉ କରୁ ନାହିଁ । ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଧର୍ମକୁ ଆଖିଠାର ସଦୃଶ୍ୟ ଫଳରେ ଚୋରା ନିଶା କାରବାର ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଏହାର ପ୍ରଭାବରେ ଚୋରି,ମାର୍ପିଟ, ହତ୍ୟା, ହତ୍ୟା ଉଦ୍ୟମ ,ଘରୋଇ ହିଂସା, ଗୋଷ୍ଠୀ ବିବାଦ, ରାହାଜାନି ଏବଂ ସଡକ ଦୁର୍ଘଟଣା ବୃଦ୍ଧି ପାଉଥିବା ନେଇ ଅଭିଯୋଗ ହେଉଛି । ବିଶେଷକରି ମହିଳା ମାନେନିଜର ବିଭିନ୍ନ କାମ ପାଇଁ ରାତିରେ ଯାତାୟାତ କରିବା ନେଇ ଅସୁରକ୍ଷିତ ମନେ କରୁଛନ୍ତି । ତେଣୁ ଜିଲା ପ୍ରଶାସନ ହସ୍ତକ୍ଷେପ କରି ମଦ କାରବାର ବନ୍ଦ କରିବାକୁ ସାଧାରଣରେ ଦାବୀ ହୋଇଛି । କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ମହିଳା ମାନେ ଜୟପୁର ବ୍ଲକର କୁମ୍ଭାରପୁଟ ମହିଳା ମାନେ ଦେଶି ମଦ ଓ ବିହାରି ମଦ ବନ୍ଦ କରିବାକୁ ପ୍ରଶାସନଦର ଦ୍ୱାରସ୍ଥ ହୋଇଥିଲେ । ପୁରୁଷ ମାନେ ମଦ୍ୟ ପାନ କରି ମହିଳା ମାନଙ୍କ ଉପରେ ଆକ୍ରମଣ କରି ମାରପଟ କରୁଛନ୍ତି । ବହୁ ପୁରଷ ମାନେ ରୋଗ ଗ୍ରସ୍ତ ହେଲେଣି ଏନେଇ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରି ମଦ ବନ୍ଦ କରିବାକୁ ଦାବି କରିଥିଲେ । କୋରାପୁଟ ଜିଲା ଏକ ଆଦିବାସୀ ଅଧୁଷିତ ଜିଲା ହୋଇଥିବା ବେଳେ ଏହାକୁ ବନ୍ଦ କରିବାକୁ ଦାବି ହୋଇଛି ।

# ବାଜିରାଉତ କଲେଜରେ ଶକ୍ତିଶ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ ଉଦ୍ଯାପିତ

ଭୁବନ,୨୨/୦୭ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ' ଆନୁକୂଲ୍ୟରେ ଗତ ୧୩ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଯୁକ୍ତତିନି ଚତୁର୍ଥ ପର୍ଯ୍ୟାୟର ଛାତ୍ରୀମାନଙ୍କୁ ନେଇ ଏକ ଛଅ ଦିନିଆ ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପୌରହିତ୍ୟ କରିଥିବା ସମୟରେ, ଇଂରାଜୀ ବିଭାଗର ମୁଖ୍ୟ ଅନୀଲ କୁମାର ଧୀର, ଆମ କଲେଜ ଆମ ଗୌରବର ସଂଯୋଜକ ଅଧାପକ ପ୍ରଭାତ କୁମାର ଜେନା, ଗ୍ରନ୍ଥାଗାରିକ ନନ୍ଦକିଶୋର ଧୀର, ଶକ୍ତିଶ୍ରୀର ପୂର୍ବତନ ସଂଯୋଜିକା ଦେବଯାନୀ ପାଣି, ଶକ୍ତିଶ୍ରୀର ସଂଯୋଜିକା ରତୁପର୍ଣ୍ଣା ପୃଷ୍ଟି, ଆଇସିସିର ସଭ୍ୟା ଡ଼କ୍ଟର ଧାନୀ ମୁର୍ମୁ ଓ ଏନ. ସି. ସି ଅଫିସର ଡକ୍ଟର ଦୀପାରାଣୀ ସାମଲ ଉପସ୍ଥିତ ଥିଲେ।

## ଧାରାବାହିକ:

ଭାଗ-୫୧

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ପୁଣି ଗମ୍ଭୀର ସମୁଦ୍ର ଯେପରି ଅଗାଧ, ଅଜ୍ଞେୟ ଓ ରହସ୍ୟାବୃତ୍ତ ମୋର ଉଦର ସେହିପରି । ବର୍ଷାଋତୁରେ ନଦୀମାନଙ୍କର ପ୍ରଚୁର ଜଳରାଶି ସମୁଦ୍ରରେ ମିଶେ ମାତ୍ର ତାହା ଦ୍ୱାରା ସମୁଦ୍ରର କଳେବର ବୃଦ୍ଧି ହୁଏନାହିଁ କିମ୍ବା ଗ୍ରୀଷ୍ମଋତୁରେ ନଦୀଜଳର ଅଭାବରେ ତାହାର ଶରୀର କ୍ଷୀଣ ହୁଏ ନାହିଁ । ମୋର ଏହି ଉଦର ଠିକ ସେହିପରି ବହୁ ଖାଦ୍ୟ ଦ୍ୱାରା ସ୍ଫିତ ହୁଏନାହିଁ କି ଖାଦ୍ୟାଭାବେ କୃଶ ହୁଏନାହିଁ । ଏଥି ଯୋଗୁଁ ସମୁଦ୍ର ମୋହର ଗୁରୁ । ହେ ରାଜା ପୁଣି ଶୁଣ, ପତଙ୍ଗ ମଧ୍ୟ ମୋର ଗୋଟାଏ ଗୁରୁ । ପତଙ୍ଗ ଅନଳର ଦାହିକା ଶକ୍ତିକୁ ଜାଣିନପାରି କେବଳ ତାହାର ରୂପରଙ୍ଗରେ ମୋହିତ ହୋଇଯାଇ ତାହା ଭିତରେ ପଡେ ଓ ଦଗ୍ଧ ହୋଇଯାଏ । ସେହିପରି ବିଷ୍ଣୁର ମାୟାମୋହ କଳ୍ପ କପଟରେ ନାରୀ ରୂପଧାରଣ କରି ମେଘରେ ବିଦ୍ୟୁତ ସଦୃଶ ରୂପରଙ୍ଗ ପ୍ରକାଶ କରେ । ମନ ମୀନକୁ ଆକର୍ଷଣ କରେ । ତେଣୁ ସେ ରୂପ ସହିତ କଦାପି ସଙ୍ଗମ ହେବନାହିଁ । ଯଦି ହେବ ଅନଳରେ ପତଙ୍ଗର ଦଶାକୁ ହିଁ ପ୍ରାପ୍ତ ହେବ । ତେଣୁ ପତଙ୍ଗ ମୋହର ଗୁରୁ । ପୁରୁଷ ନିକଟରେ ନାରୀର ଆକର୍ଷଣ ଶକ୍ତି ଏତେ ବଳବାନ ଯେ ଗୋଟାଏ ନିର୍ଜୀବ କାଷ୍ଠ ପିତୁଳା ନାରୀ ମୂର୍ତ୍ତି କରି ଯତିଙ୍କ ସମ୍ମୁଖରେ ରଖିଲେ ଓ ତାକୁ ଦେଖି ସ୍ପର୍ଶକଲେ ତାଙ୍କର କାମ ବିକାର ଜାତ ହେବ । ଦେହଧାରୀ ପକ୍ଷରେ ମନ୍ମଥ ସୁଖ କାମନା ଏତେ ଦୂର ତୀବ୍ର ଓ ଅଦମ୍ୟ । ଜଳରେ ପାଷାଣ ବୁଡିରହି ପୋତକୁ ଧ୍ୱଂସ କଲାପରି ଗଜଦ୍ୱାରା ଗଜର ବନ୍ଧନ ହେବାପରି ନାରୀର ମୋହିନୀ ମାୟା ଅତ୍ୟନ୍ତ ଭୟଙ୍କର । ଷଡରିପୁ ମଧ୍ୟରେ କାମ ହିଁ ପ୍ରଥମ ଓ ପ୍ରଧାନ ରିପୁ । ଗଜଠାରୁ ଏହା ଶିକ୍ଷା କରିଥିବାରୁ ସେ ମଧ୍ୟ ମୋର ଗୁରୁ । ତେଣୁ ହେ ରାଜା ମୁଁ ନାରୀ ସଙ୍ଗ ବା ସମ୍ପର୍କ ଅତ୍ୟନ୍ତ ସତର୍କତାର ସହିତ ତ୍ୟାଗ କରିଅଛି ଏବଂ ଯଥା ସମ୍ଭବ ନାରୀର ରୂପ ଅବଲୋକନ କରୁନାହିଁ । ଏହା ଫଳରେ ସଂସାର ଭ୍ରମଣରେ ମୋର ଭୟଭ୍ରାନ୍ତି ନାହିଁ । ହେ ରାଜା ତୁମେ କହିପାର ନାରୀର ଅନ୍ୟରୂପ ଅଛି । ତାହା ସ୍ନେହମୟୀ ଜନନୀର ରୂପ । ଅବଶ୍ୟ ସେ ରୂପର ପଟାନ୍ତର ନାହିଁ । ମାତ୍ର ସବୁ ସମୟରେ ସମସ୍ତ ପରିସ୍ଥିତିରେ ସାଧାରଣ ସହ ସକ୍ଷମ ପୁରୁଷ ସହବାସ ଯୋଗ୍ୟା ନାରୀକୁ ମାତୃ ରୂପରେ କଳ୍ପନା କରିବା ଏକପ୍ରକାର ଅସମ୍ଭବ । ତେଣୁ ଲୋକାଳୟ ନଗରାଦି ଭ୍ରମଣ ସମୟରେ ମୁଁ ମୋର ଦୃଷ୍ଟିକୁ ଯଥା ସମ୍ଭବ ତଳକୁ କରିଥାଏ । ଧନ ସମ୍ପଦରେ ମୋର ପ୍ରୟୋଜନ ନାହିଁ । ତେଣୁ ଧନାର୍ଜନ ଜନିତ ଦୁଃଖ ମୁଁ ଭୋଗ କରୁନାହିଁ । ପାପୀ, କୃପଣ ଓ ଦୂରାଶୟ ପରି ସଞ୍ଚୟ ସ୍ପୃହା ମୋର ନାହିଁ । ମଧୁମକ୍ଷିକାର ମୁହଁରେ ଅଗ୍ନି ଲଗାଇ ତାହାର ସଞ୍ଚିତ ମଧୁକୁ ଅନ୍ୟ ବ୍ୟକ୍ତି ଯେପରି ଅପହରଣ କରେ କୃପଣର କଷ୍ଟ ସଞ୍ଚିତ ଅର୍ଥ ମଧ୍ୟ ସେହିପରି ଅନେକ ସମୟରେ ଅପହୃତ ହୁଏ । ଏହା ମକ୍ଷିକାଠାରୁ ଶିକ୍ଷା କରିଥିବାରୁ ସେ ମଧ୍ୟ ମୋର ଗୁରୁ । ବନରେ ଲୁବ୍ଧକର ମଧୁର ଗୀତ ଶୁଣି ମୃଗ ଆକୃଷ୍ଟ ହୋଇ ଯିବା ଫଳରେ ଲୁବ୍ଧକ ତାକୁ ଶରମାରି ହତ୍ୟାକରେ । ସେହିପରି ଗ୍ରାମଗୀତ, ନୃତ୍ୟ ଓ ବାଦ୍ୟରଙ୍ଗ ତାହାକୁ ସମ୍ପୂର୍ଣ୍ଣ ତ୍ୟାଗ କରିବ । ଜ୍ଞାନ ଆହରଣରେ ହିଁ ଚିତ୍ତ ବିନିଯୋଗ କରିବ । ଋଷ୍ୟଶୃଙ୍ଗ ମୁନିଙ୍କୁ ଏହି ନୃତ୍ୟ ଓ ବାଦ୍ୟଧ୍ୱନି ଦ୍ୱାରା ବେଶ୍ୟାମାନେ ଆକୃଷ୍ଟ କରି ନେଇ ଯାଇଥିଲେ । ତେଣୁ ସେଥିପ୍ରତି ମୁଁ ସତର୍କ ରହିଛି ଓ ମୃଗକୁ ଗୁରୁ କରିଛି । ମଧୁମକ୍ଷିକାର ସଞ୍ଚିତ ମଧୁକୁ ମଧୁହାରୀ ବଳାତ୍କାରେ ଉପଭୋଗ କଲାପରି ଗୃହସ୍ଥର ସଞ୍ଚିତ ଖାଦ୍ୟକୁ ଅନ୍ୟବ୍ୟକ୍ତି କପଟ ଅତିଥି ରୂପରେ ଉପଭୋଗ କରେ । ତେଣୁ ଗୃହସ୍ଥ ମାତ୍ରେ ସେଥିପ୍ରତି ସତର୍କ ରହିବେ । ଏଥିଲାଗି ମଧୁହାରୀ ମଧ୍ୟ ମୋର ଗୁରୁ । ମୀନ ଜିହ୍ୱା ଲାଳସା ହେତୁ ବନଶୀର ଥୋପକୁ ଗିଳି ମୃତ୍ୟୁ ମୁଖରେ ପଡେ । ତେଣୁ ମୀନକୁ ଗୁରୁ କରି ମୁଁ ଜିହ୍ୱା ଲାଳସାକୁ ବର୍ଜନ କରିଛି । ରସନେନ୍ଦ୍ରିୟକୁ ଜୟ କରିଥିବା ବ୍ୟକ୍ତି ବିଷ୍ଣୁ ରୂପୀ । ସେ ଅନ୍ୟ ଇନ୍ଦ୍ରିୟ ମାନଙ୍କୁ ମଧ୍ୟ ଅନାୟାସରେ ଜୟ କରିପାରେ ।

ହେ ରାଜା ! ଏବେ ମୁଁ ତୁମକୁ ପିଙ୍ଗଳା ବେଶ୍ୟା ଚରିତ କହୁଛି । ଏହା ଶୁଣିଲେ ମନରେ ନିର୍ମଳ ଆନନ୍ଦ ଜାତ ହେବ । ପୂର୍ବେ ବିଦେହ ନଗରରେ ପିଙ୍ଗଳା ନାମରେ ଏକ ବେଶ୍ୟାଥିଲା । ତୁମେ ଏହା ଶୁଣି ଆଶ୍ଚର୍ଯ୍ୟ ହେବ ଯେ, ସେ ମଧ୍ୟ ମୋର ଗୁରୁ । ତାହାର ଧର୍ମକୁ ମୁଁ ମୋ ଜୀବନରେ ଆଚରଣ କରିଛି । ଦିନେ ପିଙ୍ଗଳା ସେହି ନଗରର ଜଣେ ଧନୀ ଯୁବକକୁ ନିଜ ଗୃହକୁ ଆସଦିବା ନିମିତ୍ତ ନିମନ୍ତ୍ରଣ ସଙ୍କେତ ପ୍ରଦାନ କରି ସନ୍ଧ୍ୟା ପରେ ନିଜକୁ ଓ ନିଜ ଗୃହକୁ ଅତ୍ୟନ୍ତ ସୁସଜ୍ଜିତ କରି ସେହି ଯୁବକର ଆଗମନକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଲା । ରାତ୍ରି ହେବାରୁ ଅନ୍ୟ ଗ୍ରାହକ ଆସି ଅଳ୍ପ ଧନ ଯାଚି ମିଳନ କାମନା ବାଞ୍ଛା କରିଥିଲେ ହେଁ ପିଙ୍ଗଳା ସମ୍ମତ ନ ହୋଇ ଅଧିକ ଧନ ଆଶାରେ ସେହି ଧନୀ ଯୁବକକୁ ଅପେକ୍ଷା କରି ରହିଲା । ରାତ୍ର କ୍ରମେ ଗଭୀର ହେଲା, ଯୁବକର ଦେଖା ନ ମିଳିବାରୁ ବ୍ୟତିବ୍ୟସ୍ତ ହୋଇପଡିଲା ପିଙ୍ଗଳା । ନିଜ ମନର ଉତ୍କଣ୍ଠା ହେତୁ ସେ ଘରୁ ବାହାରକୁ ଓ ବାହାରୁ ଘରକୁ ଅସ୍ଥିର ଭାବରେ ଯିବା ଆସିବା କରି କ୍ଳାନ୍ତ ହୋଇପଡିଲା । ସାମାନ୍ୟ ଶବ୍ଦରେ ଯୁବକ ଆସିବା ବିଚାରି ଦ୍ୱାର ନିକଟକୁ ଚାଲିଯାଏ ଓ ଦୃଷ୍ଟିର ଶେଷ ସୀମା ପର୍ଯ୍ୟନ୍ତ ଅପେକ୍ଷା କରେ । ମାତ୍ର କାହିଁ ସେହି ଯୁବକ ? ରାଜମାର୍ଗର ପାର୍ଶ୍ୱରେ ଥିବା ନିଷ୍ପ୍ରଭ ବତୀଗୁଡିକ ସତେ ଯେପରି ଚକ୍ଷୁ ମିଟିମିଟି କରି ତାକୁ ବିଦ୍ରୁପ କରୁଛନ୍ତି । ତାର ନିର୍ବୋଧତା ପ୍ରତି ଉପହାସ କରୁଛନ୍ତି । କ୍ରମେ ରାତ୍ର ଅର୍ଦ୍ଧ ଭୋଗହେଲା । ରାଜମାର୍ଗ ଜନଶୂନ୍ୟ ହୋଇ ଆସିଲା । ସେହି ଧନୀ ଯୁବକ ଆଉ ଆସିବ ନାହିଁ ଜାଣି ପିଙ୍ଗଳାର ହୃଦୟ ନୈରାଶ୍ୟରେ ଭାଙ୍ଗି ପଡିଲା । ଅତ୍ୟନ୍ତ କ୍ଳାନ୍ତି ଯୋଗୁଁ ତାର ହସ୍ତପଦ ଅଚଳ ହେବାଭଳି ଲାଗିଲା । ସେ ଦୀର୍ଘନିଶ୍ୱାସ ପକାଇ ଅତ୍ୟନ୍ତ ଦୁଃଖରେ ନିଜ ଗୃହର ଦ୍ୱାର ଦେଶରେ ବସି କାନ୍ଦିବାକୁ ଲାଗିଲା । କିଛି ସମୟ ପରେ ପୂର୍ବ ଭାଗ୍ୟ ହେତୁ ହଠାତ୍ ତାହାର ହୃଦୟରେ ବୈରାଗ୍ୟର ଉଦୟ ହେଲା । ସେ ବିଚାରିଲା ହାୟ ! ମୁଁ ସ୍ୱଭାବବତଃ ହୀନ ନାରୀ ଜାତି । ଅଜ୍ଞାନ ମୋହଗ୍ରସ୍ତ ହୋଇ ଧନ ଲୋଭରେ ଏହି କୁତ୍ସିତ ବୃତ୍ତି ଅବଲମ୍ବନ କଲି । କାମ ପରବଶ ହୋଇ ଇତର ଲୋକଙ୍କ ସହିତ ଧନ ବିନିମୟରେ ଦେହ ଦାନ କରି ଇହକାଳ ଓ ପରକାଳ ଉଭୟ ନଷ୍ଟ କଲି । ନର୍କରେ ମଧ୍ୟ ମୋତେ ଠାବ ମିଳିବନାହିଁ । ଧିକ ମୋର ଜୀବନ । ସର୍ବ ସୁଖ ସମ୍ପଦ ଦାତା ପ୍ରାଣପତି ପରମେଶ୍ୱର ମୋର ପାଖେ ପାଖେ ଅଛନ୍ତି । ସେହି ସତ୍ୟ, ଶିବ, ସୁନ୍ଦର ଅନାଥର ନାଥ ଅଗତିର ଗତି, ଅଶରଣର ଶରଣ, ନିରାଶ୍ରୟର ଆଶ୍ରୟଦାତା ଅଭକ୍ଷର ଭକ୍ଷକ ପରମ ପୁରୁଷରନ୍‌କୁ ଛାଡି ଇତର ପୁରୁଷଙ୍କ ସହିତ ଆଜୀବନ ରତିରସରେ ମାତିଲି । ଏହି ଯେଉଁ ମଳମୂତ୍ର କଫ, ବାତ. ପୀତ, ଦୁର୍ଗନ୍ଧ, କୃମୀ, କୀଟ ନାଳନାଡି ପରିପୂରିତ ଅଶେଷ ବ୍ୟାଧିର ଭଣ୍ଡାର କାୟଗୃହ ଏହା ଯେ ଏକ ନବଦ୍ୱାର ବିଶିଷ୍ଟ ମାୟା ମନ୍ଦିର । ମୃଣ୍ମୟ ଅସ୍ଥି, ଚର୍ମ, ମାଂସ ଓ ରୁଧିର ଦ୍ୱାରା ନଖ ଲୋମ ଓ କେଶରେ ଛାଉଣୀ ହୋଇ ଅତି ବିଚିତ୍ର ଭାବେ ଏହା ନିର୍ମ୍ମିତ । ଯେଉଁ ଗୁରୁ ଏହି କାୟା ଗୃହରେ ମୋତେ ସ୍ଥାପନ କରି ଦୀକ୍ଷା ଦେଇଗଲା ତାକୁ ମୁଁ ପାପୀୟସୀ ବିସ୍ମୃତ ହୋଇ ଦୋଚାରୁଣୀ ଜୀବନ ଯାପନ କଲି । ସର୍ବ ଜୀବାତ୍ମା, ଜନ୍ମଦାତା, ସର୍ବସୁଖଦାତା ମୋର ପ୍ରାଣପତିକୁ ଅତି ନିକଟରେ ପାଇ ମଧ୍ୟ ଚିହ୍ନି ପାରିଲି ନାହିଁ । ମୋର ଏହି ଚର୍ମ ଚକ୍ଷୁର ମାୟା ପଟଳ ହିଁ ମୋର ଶତ୍ରୁ ହେଲା । ମୁଁ ଉଦ୍‌ଭ୍ରାନ୍ତ ହୋଇ ତୁଚ୍ଛ ପୁରୁଷ ସହ ରମଣ କରି ନିଜ ଜୀବନ ନଷ୍ଟ କଲି । ଏ ସଂସାରରେ ଆଉ କେତେ ଦିନ । ମୃତ୍ୟୁ ଯେ କେତେବେଳେ ଆସି ଅଚାନକ ହାବୋଡି ଯିବ ଏବଂ ତା କୋଳକୁ ନେଇଯିବ । ହାୟ ! ଏହି ନଶ୍ୱର ଶରୀର ମଧ୍ୟରେ ଯେ ଅବିନଶ୍ୱରଙ୍କ ଅବସ୍ଥିତି ଏହା ମୁଁ ଉପଲବ୍ଧି ନକରି ଏହାକୁ ଏକ ପଣ୍ୟଦ୍ରବ୍ୟ ଭାବରେ ବ୍ୟବହାର କଲି । ଆଉ କିଛି ଦିନରେ ଏହା ଆପଣାଛାଏଁ ନଷ୍ଟ ହୋଇଯିବ । ଯାହାହେଉ ମୋର ଜୀବନ ଧନ୍ୟ, ମୋର ପିତାମାତା ମଧ୍ୟ ଧନ୍ୟ ଯେ ଚରମ ଦୁର୍ଗତିର ସମ୍ମୁଖୀନ ହେବା ପୂର୍ବରୁ ମୋର ଜ୍ଞାନୋଦୟ ହୋଇଛି । ମୋର ପ୍ରାଣପ୍ରିୟ ପ୍ରଭୁ କରୁଣାବତାର ମୋ ପ୍ରତି ପ୍ରସନ୍ନ ହୋଇ ମୋର ହୃଦୟରେ ବୈରାଗ୍ୟ ଜନ୍ମାଇଲେ । ସେହି ପରମ କାରୁଣିକ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ମୁଁ ଆଜି ଶରଣ ପଶିଛି । ଏହି ଦେହ, ମନ, ପ୍ରାଣ ତାଙ୍କରି ଶ୍ରୀଚରଣରେ ସମର୍ପଣ କରିଦେବି । ସମସ୍ତ ସାଂସାରିକ ଭୌତିକ ଆଶା ଓ ଆକାଙ୍କ୍ଷା ପରିହାର କରି କେବଳ ଜଳ ଓ ବାୟୁ ଦ୍ୱାରା ଶରୀର ଧାରଣ କରି ଶ୍ରୀକୃଷ୍ଣ ଚରଣ ବନ୍ଦନା କରି ଅବଶିଷ୍ଟ ଜୀବନ ଆନନ୍ଦରେ ବିତାଇବି । ଏହିପରି ବିଚାର କରୁ କରୁ ଆନନ୍ଦରେ ତାର ତନୁ ପୁଲକିତ ଓ ରୋମାଞ୍ଚିତ ହେଲା । ଚକ୍ଷୁରୁ ଲୋତକ ସ୍ରବିଲା । ରାତ୍ର ପାଇ ପ୍ରଭାତ ହେଲା । ପିଙ୍ଗଳା ପ୍ରାତକୃତ୍ୟ ସମାପାନ କରି ନିର୍ମଳ ମନରେ ଗୃହସମ୍ପଦ ପରିତ୍ୟାଗ କରି ଶ୍ରୀହରି ଚରଣରେ ମନପ୍ରାଣ ଢାଳିଦେଇ ବନଗାମିନୀ ହେଲା । ଅବଧୂତ କହିଲେ ହେ ରାଜା ଏହି କାରଣରୁ ପିଙ୍ଗଳା ମୋର ଗୁରୁ ।

### ୯ମ ଅଧ୍ୟାୟ, କୁରର ପକ୍ଷୀଠାରୁ ଓ ଭୃଙ୍ଗୀ ପର୍ଯ୍ୟନ୍ତ ସାତଗୁରୁଙ୍କ କଥା

ଅବଧୂତ ପୁଣି କହିଲେ ହେ ରାଜା, ପାର୍ଥୀବ ସୁଖ ସମ୍ଭୋଗ ଓ ଦ୍ରବ୍ୟ କାମନାରେ ପାର୍ଥୀବ ଦୁଃଖ ହିଁ ନିହିତ । ସୁତରାଂ ଦ୍ରବ୍ୟ ପରିଗ୍ରହର ଅନ୍ତିମ ପରିଣତି ଦୁଃଖ ଓ ବିପଦର କାରଣ । ମନୁଷ୍ୟ ଥରେ ଆହରଣକାମୀ ଓ ପରିଗ୍ରହାଶକ୍ତ ହେଲେ ତାର ଆଉ ସୀମା ବା ପରିମିତତାର ବିଚାର ରହେ ନାହିଁ । ପରିଣାମରେ ସେ ଦୁଃଖ ଓ ବିପଦଗ୍ରସ୍ତ ହୁଏ । ତେଣୁ ଜ୍ଞାନ ବଳରେ ସଂଯମ ଅଭ୍ୟାସ କରି ଏହି ଦୁର୍ଦ୍ଦାନ୍ତ ବୃତ୍ତିକୁ ଦମନ କରିବାକୁ ହେବା ଦୃଢ ଭଗବତ ବିଶ୍ୱାସ ଓ ସଂସାର ନଶ୍ୱରତାର ଗଭୀର ଉପଲବ୍ଧି ଏହି ବୃତ୍ତିକୁ ଦମନ କରିବାରେ ସହାୟକ ହୁଏ । ତୁମେ ତ ଜାଣ ପକ୍ଷୀମାନଙ୍କ ମଧ୍ୟରେ ଅତି ବଳବାନ ପକ୍ଷୀ ହେଉଛି କୁରର । ତାର ସ୍ୱଭାବ ମଧ୍ୟ ପ୍ରଚଣ୍ଡ । ଲୋକମାନେ ତାକୁ ପୋଷା ମନାଇ ତାହାରି ସାହାଯ୍ୟରେ ପକ୍ଷୀମାଂସ ସଂଗ୍ରହ କରନ୍ତି । ଆଉ ମଧ୍ୟ ସେ ପକ୍ଷୀମାରି ତାର ମୁନିବ ନିକଟକୁ ଘେନି ଯିବା ପୂର୍ବରୁ ଅନ୍ୟ କୌଣସି ବଳବାନ ପକ୍ଷୀ ତାଠାରୁ ଶୀକାର ପକ୍ଷୀକୁ ଛଡାଇ ନେଇ ଭକ୍ଷଣ କରେ । କୁରର ପକ୍ଷୀର ଶ୍ରମ ମାତ୍ର ସାର ହୁଏ । ତେଣୁ ମୁଁ କୁରର ପକ୍ଷୀଠାରୁ ଶିକ୍ଷା ପାଇ କୌଣସି ବସ୍ତୁ ପରିଗ୍ରହରେ ମନ ବଳାଏ ନାହିଁ । ନିରବଧି ଏକାକୀ ଭ୍ରମଣ କରୁଥାଏ । କାହାର ଆଶ୍ରୟ କାମନା କରେ ନାହିଁ । ମାନୋପମାନକୁ ମନରେ ଧରେ ନାହିଁ । ପୁତ୍ର, କଳତ୍ର, ଗୃହ ଓ ଧନଶୂନ୍ୟ ଭାବରେ ରହି କେବଳ ଆତ୍ମା ସହିତ ନିତ୍ୟ ରମଣ କରେ । ମୁଁ ଶିଶୁବତ ପରାପର ଭେଦଭାବ ବର୍ଜିତ ଓ ଚିନ୍ତାଶୂନ୍ୟ । ବାଳକ ଯେପରି ସଙ୍ଗୀ ନନେଇ ଏକା ଏକା କ୍ରୀଡା କରି ଆନନ୍ଦ ଉପଭୋଗ କରେ ମୁଁ ମଧ୍ୟ ସେହିପରି ଏକାକୀ ଆନନ୍ଦରେ ଭ୍ରମଣ କରେ । ହେ ରାଜା ଦେଖ, ସର୍ବ ଶକ୍ତିମାନ ପରମେଶ୍ୱର କିପରି ସାରା ଜଗତର ମାୟା ବିସ୍ତାର କରି କ୍ରୀଡା କରୁଛନ୍ତି । ଆପଣା ସୁଖରେ ସୃଷ୍ଟିପାଳନ ଓ ସଂହାର କରି ଉପାଧି ବର୍ଜିତ ଓ ଭେଦଭାବ ଶୂନ୍ୟ ଭାବେ ପ୍ରକୃତି-ପୁରୁଷ ସମ୍ପର୍କ ଧରି ସର୍ବତ୍ର ପୂରି ରହିଛନ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ଡୋର

# କିଶୋର ମନର ଦିଗଦର୍ଶକ 'ଆଧ୍ୟାତ୍ମ'



ଶ୍ୱେତା ରାଉତ୍


କିଶୋରାବସ୍ଥାକୁ ଅନେକେ ବିଦ୍ରୋହର ବୟସ ବୋଲି କହନ୍ତି। କାରଣ ଏହି ସମୟରେ ପିଲାମାନେ ବାପା-ମାଆଙ୍କ ନିୟମକୁ ବନ୍ଧନ ଭାବନ୍ତି। ସେମାନଙ୍କୁ ଲାଗେ, 'ମୋ ଜୀବନର ନିଷ୍ପତ୍ତି ମୁଁ ନିଜେ ନେବି।' ଘରର ବାରଣ, ସମୟର ନିୟମ, ପଢ଼ାର ଚାପ,ସବୁକିଛି ସେମାନଙ୍କୁ ବିରକ୍ତ କରେ। ସାଙ୍ଗସାଥୀଙ୍କ ସହ ଅଧିକ ସମୟ ବିତାଇବା, ନିଜ ଇଚ୍ଛାମତେ ବୁଲିବା ଓ ନୂଆ ଅନୁଭୂତିର ସ୍ୱାଦ ନେବାର ଆଗ୍ରହ ବଢ଼ିଯାଏ। ଏସବୁ ହେବା ସ୍ୱାଭାବିକ, କିନ୍ତୁ ସଠିକ୍ ଦିଗଦର୍ଶନର ଅଭାବ ହେଲେ ଏହି ସ୍ୱାଧୀନତାର ଆକାଂକ୍ଷା କେବେ କେବେ ଉଶୃଙ୍ଖଳତାର ରୂପ ନେଇଥାଏ ।ଆଧ୍ୟାତ୍ମିକତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଧ୍ୟାତ୍ମିକତା ମାନେ କେବଳ ମନ୍ଦିରକୁ ଯିବା କିମ୍ବା ପୂଜାପାଠ କରିବା ନୁହେଁ। ଏହା ହେଉଛି ନିଜ ମନକୁ ବୁଝିବା, ଭାବନାକୁ ସଂଯମ କରିବା, ଅନ୍ୟ ପ୍ରତି ସମ୍ମାନ, ଦୟା, ସହନଶୀଳତା ଓ ସତ୍ୟକୁ ଜୀବନର ଅଂଶ କରିବା। ଆଧ୍ୟାତ୍ମିକ ପରିବେଶରେ ବଢୁଥିବା ପିଲାମାନେ ଜୀବନକୁ ସହଜରେ ବୁଝି ନିଅନ୍ତି ଓ ନିଜ ମନକୁ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇପାରନ୍ତି। ସେମାନେ ବୁଝନ୍ତି ଯେ ଜୀବନ କେବଳ ନିଜ ଇଚ୍ଛା ପୂରଣର ନାମ ନୁହେଁ,ଏହା କର୍ତ୍ତବ୍ୟ, ସଂଯମ ଓ ମାନବିକତାର ମଧ୍ୟ ଏକ ସୁନ୍ଦର ଯାତ୍ରା।

ଆଜିର ସମୟରେ ମୋବାଇଲ ଫୋନ, ସୋସିଆଲ ମିଡିଆ ଓ ଇଣ୍ଟରନେଟ କିଶୋରମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଂଶ। ଜ୍ଞାନ ସହିତ ଏହା ଅନେକ ଭ୍ରମ, ତୁଳନା, ପ୍ରଲୋଭନ ଓ ଚାପ ମଧ୍ୟ ସୃଷ୍ଟି କରେ। ଏଭଳି ପରିସ୍ଥିତିରେ ଯଦି ପରିବାରରେ ପ୍ରାର୍ଥନାର ଶାନ୍ତ ପରିବେଶ, ଭଲ ପୁସ୍ତକ ପଢ଼ିବାର ଅଭ୍ୟାସ, ମହାପୁରୁଷଙ୍କ ଜୀବନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ମାନବସେବାର ଶିକ୍ଷା ରହେ, ତେବେ ପିଲାମାନଙ୍କ ମନରେ ଏକ ସକାରାତ୍ମକ ଭିତ୍ତି ଗଢ଼ିଉଠେ। ବାପା-ମାଆମାନେ ମଧ୍ୟ ଏହି ସମୟରେ ଧୈର୍ଯ୍ୟ ଧରିବା ଆବଶ୍ୟକ। କେବଳ ରାଗିବା ,ବିରକ୍ତ ହେବା କିମ୍ବା ନିଷେଧ କରିବା ଦ୍ୱାରା କିଶୋର ମନକୁ ଜିତିହେବ ନାହିଁ। ସେମାନଙ୍କ କଥା ଶୁଣିବା, ସେମାନଙ୍କ ଦ୍ୱନ୍ଦ୍ୱକୁ ବୁଝିବା, ସ୍ନେହ ଓ ବିଶ୍ୱାସର ସେତୁ ଗଢ଼ିବା ହିଁ ପ୍ରକୃତ ସମାଧାନ। ପିଲାମାନେ ଉପଦେଶଠାରୁ ଅଧିକ ଆଚରଣରୁ ଶିଖନ୍ତି। ଘରେ ଯଦି ସ୍ନେହ, ଶାନ୍ତି, ପରସ୍ପର ସମ୍ମାନ ଓ ଭଲପାଇବାର ପରିବେଶ ଥାଏ, ସେହି ସଂସ୍କାର ନିଶ୍ଚୟ ସେମାନଙ୍କ ଚରିତ୍ରରେ ପ୍ରତିଫଳିତ ହେବ।

ଆମେ ପିଲାମାନଙ୍କୁ କେବଳ ଡାକ୍ତର, ଇଞ୍ଜିନିୟର, ପ୍ରଶାସକ କିମ୍ବା ବୈଜ୍ଞାନିକ କରିବାର ସ୍ୱପ୍ନ ନ ଦେଖି, ପ୍ରଥମେ ଜଣେ ଭଲ ମଣିଷ କରିବାର ସ୍ୱପ୍ନ ଦେଖିବା ଉଚିତ। କାରଣ ଜ୍ଞାନ ମଣିଷକୁ ସଫଳ କରେ, କିନ୍ତୁ ସଂସ୍କାର ମଣିଷକୁ ମହାନ କରେ। ଆଧ୍ୟାତ୍ମ ସେହି ସଂସ୍କାରର ମୂଳଦୁଆ ହୋଇଥାଏ।ଆଜିର କିଶୋର ହିଁ ଆସନ୍ତାକାଲିର ନାଗରିକ। ସେମାନଙ୍କ ହାତରେ ଆଗାମୀ ସମାଜ ଓ ଦେଶର ଭବିଷ୍ୟତ। ତେଣୁ ସେମାନଙ୍କ ହୃଦୟରେ ଯଦି ମୂଲ୍ୟବୋଧ, ମାନବିକତା ଓ ଆଧ୍ୟାତ୍ମିକତାର ଆଲୋକ ଜଳିବ, ତେବେ ସେମାନେ କେବଳ ନିଜ ଜୀବନକୁ ନୁହେଁ, ସମଗ୍ର ସମାଜକୁ ଆଲୋକିତ କରିବେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ହେଲିକୋବ୍ୟାକ୍ଟର ପାଇଲୋରିର ଭୂମିକା



ଗ୍ୟାଷ୍ଟ୍ରାଇଟିସ୍ ଏମିତି ଏକ ଅବସ୍ଥା, ଯେଉଁଥିରେ ପେଟର ଭିତର ସ୍ତରରେ ପ୍ରଦାହ ହୋଇଥାଏ। ଏହାର ଲକ୍ଷଣଗୁଡ଼ିକ ହେଲା- ପେଟର ଉପର ଭାଗରେ ଯନ୍ତ୍ରଣା ବା ଜଳାପୋଡ଼ା, ବାନ୍ତି ଲାଗିବା, ବାନ୍ତି ହେବା ଓ ପେଟ ଭର୍ତ୍ତି ଥିବା ପରି ଲାଗିବା। ପେଟର ପ୍ରତିରକ୍ଷା କବଚ ଭାବେ କାମ କରୁଥିବା ପତଳା ମ୍ୟୁକୋସାଲ୍ ସ୍ତର ନଷ୍ଟ ହୋଇଗଲେ ପାଚକ ରସ ସିଧାସଳଖ ପେଟର ସ୍ତର ସଂସ୍ପର୍ଶରେ ଆସି କ୍ଷତ ଓ ପ୍ରଦାହ ସୃଷ୍ଟି କରେ। ଏହା ଦୁଇ ପ୍ରକାରର: ଆକ୍ୟୁଟ୍ ଓ କ୍ରୋନିକ୍। ଆକ୍ୟୁଟ୍ ଗ୍ୟାଷ୍ଟ୍ରାଇଟିସ୍ ସ୍ୱଳ୍ପ ସମୟ ପାଇଁ ହୋଇଥାଏ। କିନ୍ତୁ କ୍ରୋନିକ୍ ଗ୍ୟାଷ୍ଟ୍ରାଇଟିସ୍ ଦୀର୍ଘ ସମୟ ଧରି ରହିଥାଏ, ଯାହା ଶେଷରେ ପେଟରେ ଘା' ବା ଅଲ୍‌ସର୍ ସୃଷ୍ଟି କରେ। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା- ଏଚ୍ ପାଇଲୋରି ସଂକ୍ରମଣ, ଅଧିକ ମାତ୍ରାରେ ଯନ୍ତ୍ରଣାନାଶକ ଔଷଧ ସେବନ ଓ କେତେକ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ସମ୍ବନ୍ଧୀୟ ସମସ୍ୟା ।ପ୍ରାୟ ୯୦% କ୍ରୋନିକ୍ ଗ୍ୟାଷ୍ଟ୍ରାଇଟିସ୍ ଏଚ୍ ପାଇଲୋରି ବ୍ୟାକ୍ଟେରିଆ ଯୋଗୁଁ ହୋଇଥାଏ। ଯଦି ଏହାର ଚିକିତ୍ସା କରା ନଯାଏ, ତେବେ ଏହା ପେଟରେ ଅଲ୍‌ସର୍ ଓ ଦୀର୍ଘ ସମୟ ପରେ ପେଟ କର୍କଟର କାରଣ ହୋଇପାରେ। ଏହା ପାଟିରୁ ପାଟିକୁ ସଂସ୍ପର୍ଶ ବା ଦୂଷିତ ଖାଦ୍ୟ ତଥା ଜଳ ମାଧ୍ୟମରେ ବ୍ୟାପିଥାଏ। ଓଜନ କମିବା, ଭୋକ ନଲାଗିବା, ବାରମ୍ବାର ବାନ୍ତି ହେବା, କଳା ରଙ୍ଗର ମଳ, ରକ୍ତ ବାନ୍ତି ଓ ପେଟର ଉପରି ଭାଗ ଫୁଲିବା ଭଳି ଲକ୍ଷଣ ଦେଖାଗଲେ ସତର୍କ ହେବା ଉଚିତ। ତେଣୁ ଏଚ୍ ପାଇଲୋରି ସଂକ୍ରମଣର ଚିହ୍ନଟ ଓ ନିରାକରଣ ଅତି ଜରୁରି। ଏହାକୁ ଚିହ୍ନଟ କରିବା ପାଇଁ ଷ୍ଟୁଲ୍ ଆଣ୍ଟିଜେନ୍ ଟେଷ୍ଟ୍ ଓ ଅପର ଜି.ଆଇ. ଏଣ୍ଡୋସ୍କୋପି ଭଳି ପରୀକ୍ଷା ରହିଛି। ଏଣ୍ଡୋସ୍କୋପିକୁ ସବୁଠାରୁ ଉତ୍ତମ ପଦ୍ଧତି ଭାବେ ଗ୍ରହଣ କରାଯାଏ, କାରଣ ଏହା ସଂକ୍ରମଣ ସହିତ ପେଟରେ ଥିବା କ୍ଷତର ପ୍ରକାର ଓ କେତେ ଗୁରୁତର ଜାଣିବାରେ ସାହାଯ୍ୟ କରେ। ଏନ୍‌ବିଆଇ ଭଳି ଆଜିକାଲିର ଉନ୍ନତ ଏଣ୍ଡୋସ୍କୋପି ଦ୍ୱାରା ଗ୍ୟାଷ୍ଟ୍ରିକ୍ ଆଟ୍ରୋଫି ଓ କର୍କଟ ରୋଗର ଆଦ୍ୟ ଅବସ୍ଥା ଜାଣି ହେଉଛି। ଏଣ୍ଡୋସ୍କୋପି ସମୟରେ ଟିସୁ ନମୁନା ସଂଗ୍ରହ କରାଯାଇ ଔଷଧର ପ୍ରତିରୋଧକ ଶକ୍ତି ମଧ୍ୟ ପରୀକ୍ଷା କରାଯାଇପାରୁଛି।

ଆଣ୍ଟିବାୟୋଟିକ୍ ପ୍ରତିରୋଧକ ଶକ୍ତି ଯୋଗୁଁ ଏଚ୍ ପାଇଲୋରିର ଚିକିତ୍ସା କଷ୍ଟକର ହୋଇଥାଏ। ଏଥିପାଇଁ ଦୁଇ ସପ୍ତାହ ପର୍ଯ୍ୟନ୍ତ ଅତି କମ୍‌ରେ ଦୁଇଟି ଆଣ୍ଟିବାୟୋଟିକ୍ ଏବଂ ପେଟରେ ଏସିଡ୍ କମାଇବା ପାଇଁ ପିପିଆଇ ଔଷଧ ଦିଆଯାଏ। ଚିକିତ୍ସା ପରେ ସଂକ୍ରମଣ ସମ୍ପୂର୍ଣ୍ଣ ଦୂର ହୋଇଛି କି ନାହିଁ, ତାହା ନିଶ୍ଚିତ କରିବା ଜରୁରି। ସ୍ୱଚ୍ଛତା ରକ୍ଷା, ହାତ ଧୋଇବା, ପରିଷ୍କାର ଖାଦ୍ୟ ଓ ପାଣି ପିଇବା ଦ୍ୱାରା ଏଥିରୁ ବର୍ତ୍ତିହେବ। ମଦ୍ୟପାନ, ଧୂମପାନ ଓ ଡାକ୍ତରଙ୍କ ବିନା ପରାମର୍ଶରେ ଯନ୍ତ୍ରଣାନାଶକ ଔଷଧ ସେବନ ଉଚିତ ନୁହେଁ। ଜୀବନଶୈଳୀରେ ପରିବର୍ତ୍ତନ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗ୍ୟାଷ୍ଟ୍ରାଇଟିସ୍‌କୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି କର୍କଟ ରୋଗ ଭଳି ବିପଦକୁ ଏଡ଼ାଇ ଦିଆଯାଇପାରିବ।

# କେମିତି ମିଳିବ ଶନିଦେବଙ୍କ କୃପା ଦୃଷ୍ଟି

ଧାର୍ମିକ ଶାସ୍ତ୍ର ଅନୁଯାୟୀ, କର୍ମ, ନ୍ୟାୟ ଓ ଦଣ୍ଡର ଅଧିପତି ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କେଉଁ ଜିନିଷ ଦାନ କଲେ ଶନିଦୋଷ କଟିବା ସହ ପ୍ରଭୁଙ୍କ କୃପା ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...



■ବିଶ୍ୱାସ ରହିଛି, ଶନିଦେବଙ୍କର ଚୋପାଥିବା ବିରି କୁଆଡ଼େ ଖୁବ୍ ପ୍ରିୟ। ତେଣୁ ଶନିବାର ଦିନ ବ୍ରାହ୍ମଣ ହୁଅନ୍ତୁ ଅବା ଗରିବ ଶ୍ରେଣୀର ଲୋକଙ୍କୁ କିଛି ଚୋପାଥିବା ବିରି ଦାନ କଲେ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କର କଳାରାଶି ବି ଖୁବ୍ ପସନ୍ଦ। କୁହାଯାଏ, ଶନିବାର ଦିନ କଳାରାଶି ହେଉ ଅଥବା କଳାରାଶିରେ ତିଆରି ଲଡୁ କାହାକୁ ଦାନ କଲେ, ଶନିଦେବଙ୍କର କୃପା ଲାଭ ହୋଇଥାଏ।

■ଶନିଦେବଙ୍କୁ ପ୍ରସନ୍ନ କରିବା ସହିତ ରୋଗରୁ ମୁକ୍ତି ପାଇବାକୁ ହେଲେ ଶନିବାର ଦିନ ସୋରିଷ ତେଲ ଦାନ କରିବା ଶୁଭ ହୋଇଥାଏ।

■ଶନିବାର ଦିନ ଗରିବ ଶ୍ରେଣୀର ଲୋକଙ୍କୁ କଳା ଜୋତା ଦାନ କଲେ ବି କୁଆଡ଼େ ଶନିଦେବ ପ୍ରସନ୍ନ ହୋଇଥାନ୍ତି।

■ଶନିଦେବଙ୍କ କୁପ୍ରଭାବକୁ କମ୍ କରିବାକୁ ହେଲେ ଲୁହା ନିର୍ମିତ କୌଣସି ବସ୍ତୁକୁ ଶନିବାର ଦିନ ଦାନ କରିବା ଶୁଭ ହୋଇଥାଏ।

■ହେଲେ ଶନିବାର ଦିନ ଲୁଣ ଦାନ କରିବା ଆଦୌ ଠିକ୍ ନୁହେଁ। ଏହା ଆର୍ଥିକ ସମସ୍ୟା ଡାକି ଆଣେ ବୋଲି ବିଶ୍ୱାସ କରାଯାଏ।

■ଦାନ ସର୍ବଦା ଆବଶ୍ୟକ କରୁଥିବା ଅଥବା ଗରିବ ଶ୍ରେଣୀର ଲୋକଙ୍କୁ କରିବା ଉତ୍ତମ ହୋଇଥାଏ।

# ଅଦିନ ବର୍ଷା



## ମୀରା ବେଉରା



ହେ ଭଗବାନ୍, ଏ ଅଦିନରେ ଏତେବେଳକୁ ପୁଣି ବର୍ଷା ହେବାର ଥିଲା। କ'ଣ କରିବି କିଛି ଭାବିପାରୁନି। ଛତାଟିଏ ବି ଆଣିନି। କିଏ ଜାଣିଥିଲା, ଏ ଅଦିନରେ ପୁଣି ଏମିତି ବର୍ଷା ହେବ। ରିକ୍ସାଟିଏ ମିଳିବା ବି ଅସମ୍ଭବ। ଏଣେ ଟିକିଏ ଡେରି ହୋଇଗଲେ ଭାଇ ଭାଉଜଙ୍କ ଦୁନିଆ ଜେରା। କ'ଣ ଯେ କରିବି, କେଡ଼େ ଭଲ ହୋଇଥା'ନ୍ତା ଯଦି ବ୍ୟାଗ୍ ଭିତରେ ଛତାଟିଏ ଆଣିଥା'ନ୍ତି। ହେଲେ ସବୁ କାମ ସାରି ତରତର ହୋଇ ସ୍କୁଲକୁ ଆସିଲାବେଳକୁ ଏ ନିଆଁଲଗା ମନରେ କିଛି ମନେପଡୁନି। ଘରେ ତ ସମସ୍ତଙ୍କର ପାଟିରେ ଖାଲି ଦୀପା, ଦୀପା, ଦୀପା। ସତେ ଯେମିତି ଦୀପା ଏ ଘରର ସବୁ କିଛି। ସମସ୍ତଙ୍କ ପାଇଁ ସକାଳ ସାତଟାରୁ ଜଳଖିଆ ପ୍ରସ୍ତୁତ କରିବା, ଫୁଲ ତୋଳିବା, ଭାଇଙ୍କ ପାଇଁ ବେଡ୍ ଟି' ତିଆରି କରିବା ଓ ସେମାନଙ୍କ ଗାଧୋଇବା ପାଇଁ ପାଣି ଗରମ କରିବା। ଏତକ କାମସାରି କ'ଣ ଦୁଇଟା ରୋଷେଇ କରି, ଭାଇଦୁଇଟାଙ୍କୁ ସ୍କୁଲ ପଠାଇ, ନିଜ ନିତ୍ୟକର୍ମ ସାରି ବ୍ୟାଗ୍‌ଟେ ଧରି ସ୍କୁଲକୁ ଯାଇ ପିଲାଙ୍କୁ ପଢ଼ାଇବାକୁ ହେବ। ସକାଳ ପାଞ୍ଚରୁ ରାତି ବାରଟା ପର୍ଯ୍ୟନ୍ତ ଟିକିଏ ବି ଫୁରସତ୍ ନାହିଁ। ସେଥିରେ ପୁଣି ମଝିରେ ମଝିରେ ଯଦି କେହି ଅତିଥି ଘରକୁ ଚାଲିଆସିଲେ, ସେମାନଙ୍କ ମୁହଁରେ ମଧ ଖାଲି ଦୀପା, ଦୀପା, ଦୀପା। ଦୀପା ବିଚାରୀ ଭାରି ନିରିମାଖୀ ଝିଅ। ଯିଏ ଯେତେ କାମ ବରାଦ କଲେ ବି କେବେ କାହା ମନରେ କଷ୍ଟ ଦିଏନି। ଅହରହ ସମସ୍ତଙ୍କ ସେବାରେ ଲାଗିଥାଏ। ଏମିତି କାର୍ଯ୍ୟବସ୍ତତା ଭିତରେ କାହାର ଯେ ମନେପଡ଼ିବ ଛତା ଆଣିବାକୁ। ସେ ଯାହାହେଉ ଛତା ତ ଆଣିନି। କେମିତି ଘରେ ପହଁଞ୍ଚିବ, ସେଇଆ ବସି ଦୀପା ଭାବୁଥାଏ। ଟିକିଏ ଡେରି ହୋଇଗଲେ, ଭାଉଜ କହିବେ, "ଏତେବେଳଯାଏ କେଉଁଠି ଥିଲ ? ତମେ ଏକା ଚାକିରି କରୁଛ ନା କ'ଣ ? ଚାକିରି କରୁଛ ବୋଲି ଅଧିକାଂଶ ସମୟ ବାହାରେ ବିତାଇବ। ଏବେଠାରୁ ଟିକିଏ ଶୀଘ୍ର ଆସିବାକୁ ଚେଷ୍ଟାକର।"

ହେଲେ ଦୀପାର ଦୁଃଖ ବୁଝୁଛି କିଏ ? ସମସ୍ତେ ଏଠି ଖରାପ କଥାକୁ ଶୀଘ୍ର ବୁଝିପାରନ୍ତି; କିନ୍ତୁ ଭଲ କଥାକୁ ସହଜରେ କେହି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ। ଘରର ଏତେଗୁଡ଼ାଏ କାମସାରି ଯେତେ ବାଧା ନ ଲାଗେ, ଭାଇଭାଉଜଙ୍କର ସନ୍ଦେହଭରା ଚାହାଣୀ ତିଳକୁ ତାଳ କରି କହିବା ଦୀପାକୁ ଭୀଷଣ ବାଧାଦିଏ। ସେସବୁ ଛାଡ଼, ତାକୁ ଶୀଘ୍ର ଘରକୁ ଯିବାକୁ ହେବ, ଶୀଘ୍ର ଗଲେ ପୁଣି ଚାହା, ଜଳଖିଆ, ରାତ୍ରି ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼େ। ତା'ରି ଭିତରେ ପୁଣି ଦୁଇ ଭାଇଙ୍କ ପଢ଼େଇବାକୁ ପଡ଼ିବ। ଖାଲି ଏତିକି ନୁହେଁ, ସମସ୍ତଙ୍କୁ ଖାଇବାକୁ ଦେଇସାରି, କାଲି କ୍ଲାସ୍‌ରେ କ'ଣ ପଢ଼ାଇବାକୁ ହେବ, ସେଥିପାଇଁ ପୁଣି ପ୍ରସ୍ତୁତି ଦରକାର। ସବୁ କାମ ସାରି ଶେଷରେ ଗୋଟିଏ ଦୀର୍ଘନିଶ୍ୱାସ ପକାଇ ଶୋଇଲାବେଳକୁ ରାତ୍ରି ବାରଟା। ଘରଟା ପୂରାପୂରି ଶୂନ୍‌ଶାନ୍ ହୋଇଯାଇଥାଏ। ତା'ପରେ ତା'ର ବ୍ୟଥାତୁର ହୃଦୟ କହେ, "ବୋଉଲୋ ! ତୁ ଆଜି ଯଦି ଥାଆନ୍ତୁ, ଅନ୍ତତଃ ମୋ' ମନ କଥା ତୋତେ ଖୋଲି କହନ୍ତି, କାରଣ ମନ କଥା ଖୋଲି କହିବାକୁ ମୁଁ ସାଥୀଟିଏ ପାଉନାହିଁ।" ଏତିକି କହିସାରିଲାପରେ କଇଁ କଇଁ ହୋଇ ମୁହଁକୁ ତକିଆ ଭିତରେ ଚାପି କାନ୍ଦିପକାଏ ଦୀପା। ସେହି ସମୟଟା ବୋଧହୁଏ ତା'ର ବୋଉ ସହ କଥାବାର୍ତ୍ତା କରିବାର ପ୍ରକୃଷ୍ଟ ସମୟ।

ଏମିତି ଭାବୁଭାବୁ ସେ ସେହି ଅଦିନିଆ ବର୍ଷାରେ କେତେବେଳେ ଯେ ପୂରା ଭିଜିଯାଇ, ତା' ଜାଣିପାରିନି। ଲୁଗା ତା'ର ବର୍ଷା ପାଣିରେ ପୂରା ଜୁଡୁବୁଡୁ। ସାରା ଶରୀରଟା ସମାଜର କ୍ରୁର ଦୃଷ୍ଟିରେ ପୂରା ବିନ୍ଧି ପକାଉଥାଏ। ଏହି ଅବସ୍ଥାଟା ଦୀପା ପାଇଁ ଅତି ଅସହାୟ ଓ ଦୟନୀୟ ଅବସ୍ଥା। ଏମିତି ବର୍ଷାରେ ଜୁଡୁବୁଡୁ ହୋଇ ଘରକୁ ଗଲେ ଭାଉଜଙ୍କର ଆଖିରେ କ୍ରୋଧର ଅଗ୍ନି ବିସ୍ଫୋରିତ ହେବାକୁ ଆଉ ବେଶୀ ସମୟ ଲାଗିବ ନାହିଁ। ହେଲେ କ'ଣ କରିବ ? ସେ କ'ଣ ଜାଣିଶୁଣି ଏମିତି କରିଛି ? ତା'ର ଏପରି ଅବସ୍ଥା ପାଇଁ ସେ କ'ଣ ଦାୟୀ ? କିଏ ଜାଣିଥିଲା ଅଦିନିଆ ବର୍ଷା ତାକୁ ଏମିତି ଲାଗିବ ନାହିଁ। ହେଲେ କ'ଣ କରିବ ? ସେ କ'ଣ ଜାଣିଶୁଣି ଏମିତି କରିଛି ? ତା'ର ଏପରି ଅବସ୍ଥା ପାଇଁ ସେ କ'ଣ ଦାୟୀ ? କିଏ ଜାଣିଥିଲା ଅଦିନିଆ ବର୍ଷା ତାକୁ ଏମିତି ଜୁଡୁବୁଡୁ କରିଦେବ ବୋଲି। ଏମିତି ଭାବୁଭାବୁ ସେ ହୋଇଯାଇଛି ବର୍ଷାଭିଜା ଝିଅଟିଏ। ତା'ପରେ ନିଜେ ନିଜକୁ ଚିହ୍ନି ନିଜର ରୂପକୁ ଦେଖି ଚମକିପଡ଼ିଲା। ତା'ପରେ ଗୋଟିଏ ଘର କ'ଣରେ କିଛି ସମୟ ଠିଆ ହେବାକୁ ସ୍ଥିରକଲା; କିନ୍ତୁ ଏ କ'ଣ ? ଏ ଅଦିନିଆ ବର୍ଷା ତାଙ୍କୁ ସେତେ ଦୁଃଖ ଦେଇନି, ସେ ବେଶୀ ଦୁଃଖ ପାଉଛି ଏଠିକାର ଲୋକମାନଙ୍କଠାରୁ। କେତେ କଠୋର ହୃଦୟ ସେମାନଙ୍କର। କାହାର ବେଦନା ଏମାନେ ବୁଝିପାରନ୍ତି ନାହିଁ; ବରଂ ଉପହାସ କରି ମଜା ଉଡ଼ାଇ ଆନନ୍ଦରେ ଉପଭୋଗ କରନ୍ତି। ଏମାନଙ୍କ ମନରେ ଦାନବ ବଦଳରେ କ'ଣ ଦେବତାର ଟିକିଏ ବି ବାସ୍ନା ନାହିଁ ? ଏମାନେ ନିଜର ମଣିଷପଣିଆ ହରାଇ ବସିଛନ୍ତି। ତା' କଣ୍ଠ ରୁଦ୍ଧ ହୋଇଆସୁଥାଏ। ନିଜକୁ ଧିକ୍କାର କରି ଭଗବାନଙ୍କୁ ମଧ ଗାଳି ଦେବାକୁ ସେ ପଶ୍ଚାତ୍‌ପଦ ହେଲାନି। କି ବିଚିତ୍ର ଦୁନିଆ ଗଢ଼ିଛ ପ୍ରଭୁ ! ମୋତେ ଏ ବିପତ୍ତିରୁ ଉଦ୍ଧାର କର। ଏତିକି କହି ନିଶ୍ୱାସ ମାରିଲାବେଳକୁ ତା'ର ଆଖି ଦୁଇଟି ଲୁହରେ ଛଳଛଳ ହୋଇଯାଇଥିଲା।

ଠିକ୍ ଏହି ସମୟରେ ଖୁବ୍ ଜୋରରେ ଆସୁଥିବା ମୋଟର ସାଇକେଲଟା ହଠାତ୍ ସେହିଠାରେ ଅଟକିଗଲା। ସେହି ଗାଡ଼ିରେ ଥିଲେ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ ଦାସ। ଦେଖିବାକୁ ଖୁବ୍ ଭଦ୍ର, ଗମ୍ଭୀର, ସୁନ୍ଦର, ସୌମ୍ୟ ଚେହେରା। ଶରୀରରେ ପିନ୍ଧିଥିବା ରେନ୍ ?କୋଟଟାକୁ ଦୀପାକୁ ବଢ଼ାଇ ଦେଇ କହିଲେ, "ନିଅନ୍ତୁ ଏହି ରେନ୍‌କୋଟଟାକୁ ପିନ୍ଧି ଦିଅନ୍ତୁ। ଯଦି କିଛି ଆପତ୍ତି ନଥାଏ ତେବେ ମୋ' ଗାଡ଼ିରେ ବସନ୍ତୁ, ମୁଁ ଆପଣଙ୍କୁ ଆପଣଙ୍କ ଘରେ ଛାଡ଼ିଦେବି।" ଦୀପା ହଠାତ୍ ସବୁ ବୁଝି କିଛି ନ ବୁଝିଲା ପରି ଚମକି ଉଠିଲା। ସେ ଆଗରୁ ଜାଣିଥିଲା, ଏମିତି ଭଦ୍ର ଦେଖାଯାଉଥିବା ଲୋକମାନେ ପ୍ରକୃତରେ ଯେତିକି ଭଦ୍ର ଦେଖାଯାଆନ୍ତି, କିନ୍ତୁ ସେତିକି ଭଦ୍ର ନୁହେଁ; କିନ୍ତୁ ତଥାପି କାହିଁକି ଏହି ଭଦ୍ରବ୍ୟକ୍ତିଙ୍କୁ ଦେଖି ସେ ଟିକିଏ ଆଶ୍ୱସ୍ତି ଲାଭ କଲା। ପ୍ରଶାନ୍ତବାବୁ ଯେ କାହିଁକି ହଠାତ୍ ଏମିତି ଅଟକିଗଲେ, ତାହା ମଧ ସେ ଜାଣନ୍ତି ନାହିଁ। କାହିଁକିନା ସେ ଆଗରୁ କେବେ କୌଣସି ଝିଅକୁ ଦରଦଭାବ ଦେଖାଇନାହାନ୍ତି। ଅଥଚ ଦୀପାଙ୍କୁ କାହିଁକି ! ସେ ମଧ ଜାଣିଥିଲେ ଯେ, ଝିଅମାନେ ଭାରି ମାୟାବୀ। ନାରୀ ହିଁ ଅଟେ ନର୍କର ଦ୍ୱାର। ତେଣୁ ସେ ଯଥାସମ୍ଭବ ନାରୀମାନଙ୍କଠାରୁ ଦୂରତ୍ୱ ଯଥାସମ୍ଭବ ରଖୁଥିଲେ; କିନ୍ତୁ ଆଜି ଏ ବ୍ୟତିକ୍ରମ କାହିଁକି ? ବୋଧହୁଏ ଏହି ଝିଅଟି ତାଙ୍କ ମନକୁ କିଣିପାରିଛି।

ଯେତେବେଳେ ଭଦ୍ରବ୍ୟକ୍ତି ଜଣଙ୍କ ତାଙ୍କୁ ଘରେ ଛାଡ଼ି ଦେବା ପାଇଁ କହିଲେ, ଦୀପା ଖାଲି ଆଶ୍ଚର୍ଯ୍ୟ ହୋଇ ସେହି ଭଦ୍ରବ୍ୟକ୍ତିଙ୍କୁ ଅପତିତ ପଲକରେ ଚାହିଁଥାଏ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ହୋ ହୋ ହୋଇ ହସିବାକୁ ଲାଗିଲେ। ଏହି ହସ ଦୀପାର ବ୍ୟଥାତୁର ହୃଦୟକୁ ଆହୁରି ବିନ୍ଧି ପକାଉଥିଲା। ଏମିତି ଭଦ୍ରବ୍ୟକ୍ତି ସେ ଆଗରୁ କେବେ ଦେଖିନଥିଲା, ଯେଉଁମାନେ କି ନାରୀକୁ ପ୍ରକୃତ ସମ୍ମାନ ଦେବା ଜାଣନ୍ତି। ଦୀପା ଆଖିରୁ ହଠାତ୍ କେତୋଟି ଅଶ୍ରୁବୁନ୍ଦା ଅଜାଣତରେ ଗଳପଡ଼ିଲା। ଦୀପା ଯେତେବେଳେ କହିଲା, "ଭାଇ, ଆପଣଙ୍କର ଏପରି ବ୍ୟବହାର ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି। ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ", କିନ୍ତୁ ଏହି ଭାଇ ଡାକ ଶୁଣିବାମାତ୍ରେ ପ୍ରଶାନ୍ତ ବାବୁ ଆଶାର ତାଜମହଲ ଭାଙ୍ଗି ଚୁରମାର୍ ହୋଇଗଲା। ଜୀବନରେ ଥରକ ପାଇଁ ଯେଉଁ ଝିଅ ତାଙ୍କର ସେହି ଅମାନିଆ ମନକୁ କିଣିପାରିଥିଲା, ସେ ଆଜି ତାକୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିଦେଲା। କି ବିଚିତ୍ର ଲୀଳା ପ୍ରଭୁ ତୋର ! ଏତିକି ଭାବୁଭାବୁ ଭଦ୍ରବ୍ୟକ୍ତି ପ୍ରଶାନ୍ତ ଦାସଙ୍କ ଆଖିରେ ମଧ ଲୁହ ଜକେଇ ଆସିଥିଲା।


+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪


# ସାହିତ୍ୟ ବନାମ୍ ସାହିତ୍ୟିକ ?

## ବବିତା ତ୍ରିପାଠୀ




ମାନବ ସଭ୍ୟତାର ବିକାଶ ସହିତ ସାହିତ୍ୟର ଜନ୍ମ ହୋଇଛି। ସମାଜର ଭାବନା, ଚିନ୍ତାଧାରା, ସଂସ୍କୃତି, ପରମ୍ପରା ଓ ଜୀବନଦର୍ଶନର ସବୁଠାରୁ ସଶକ୍ତ ପ୍ରତିଫଳନ ସାହିତ୍ୟରେ ଦେଖିବାକୁ ମିଳେ। କିନ୍ତୁ ସାହିତ୍ୟ ସୃଷ୍ଟିର ପଛରେ ଯିଏ ନିଜର କଳ୍ପନା, ଅନୁଭବ, ଜ୍ଞାନ ଓ ସୃଜନଶୀଳତାକୁ ବ୍ୟବହାର କରିଥାନ୍ତି, ସେହି ବ୍ୟକ୍ତିଙ୍କୁ ସାହିତ୍ୟିକ କୁହାଯାଏ। ସାହିତ୍ୟ ଓ ସାହିତ୍ୟିକ ପରସ୍ପର ସହ ଜଡ଼ିତ ହୋଇଥିଲେ ମଧ ଉଭୟର ଅର୍ଥ, ଭୂମିକା ଓ ଗୁରୁତ୍ୱ ଭିନ୍ନ। ସାହିତ୍ୟ ହେଉଛି ସୃଷ୍ଟି, ଯେଉଁଠାରେ ପ୍ରକାଶ କରନ୍ତି। ସେ ଅନ୍ଧବିଶ୍ୱାସ, କୁସଂସ୍କାର, ଅସମାନତା ଓ ଅନ୍ୟାୟ ବିରୋଧରେ କଲମ ଧରନ୍ତି। ତାଙ୍କର ସୃଜନ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଶକ୍ତି ରଖେ।

ସମାଜର ପ୍ରତ୍ୟେକ ପରିବର୍ତ୍ତନ ସାହିତ୍ୟରେ ପ୍ରତିଫଳିତ ହୁଏ। ଯୁଦ୍ଧ, ଦାରିଦ୍ର୍ୟ, ପ୍ରେମ, ପ୍ରକୃତି, ଧର୍ମ, ରାଜନୀତି ଓ ସଂସ୍କୃତି ସାହିତ୍ୟର ବିଷୟବସ୍ତୁ। ଭଲ ସାହିତ୍ୟ ସମାଜକୁ ଚିନ୍ତା କରିବାକୁ ଶିଖାଏ ଏବଂ ନୂତନ ଦିଗ ଦେଖାଏ।

ଜଣେ ସାହିତ୍ୟିକ ସମାଜର ଦର୍ପଣ। ସେ ସାଧାରଣ ଲୋକଙ୍କର ଆଶା, ଆକାଂକ୍ଷା, ଦୁଃଖ ଓ ସଂଘର୍ଷକୁ ନିଜ ରଚନାରେ ସ୍ଥାନ ଦିଅନ୍ତି। ସେ କେବଳ କଳ୍ପନାର ଜଗତରେ ବଞ୍ଚନ୍ତି ନାହିଁ, ବରଂ ବାସ୍ତବ ଜୀବନକୁ ନିକଟରୁ ଦେଖି ସେଥିରୁ ସୃଜନର ଉପାଦାନ ସଂଗ୍ରହ କରନ୍ତି।

ପ୍ରଥମତଃ, ସାହିତ୍ୟ ହେଉଛି ରଚନା, କିନ୍ତୁ ସାହିତ୍ୟିକ ହେଉଛନ୍ତି ରଚୟିତା। ଦ୍ୱିତୀୟତଃ, ସାହିତ୍ୟ ଏକ ଅମୂର୍ତ୍ତ ସୃଜନଶୀଳ ସମ୍ପଦ, ସାହିତ୍ୟିକ ଜଣେ ବାସ୍ତବ ବ୍ୟକ୍ତିତ୍ୱ। ତୃତୀୟତଃ,



ସାହିତ୍ୟିକ ହେଉଛନ୍ତି ସେହି ସୃଷ୍ଟିର ସ୍ରଷ୍ଟା।

'ସାହିତ୍ୟ' ଶବ୍ଦର ଅର୍ଥ ହେଉଛି ମଣିଷର ଭାବନା, ଚିନ୍ତା, ଅନୁଭବ ଓ କଳ୍ପନାର କଳାତ୍ମକ ଅଭିବ୍ୟକ୍ତି। କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଇତ୍ୟାଦି ସାହିତ୍ୟର ବିଭିନ୍ନ ଶାଖା। ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ସମାଜକୁ ଦିଗ୍ଦର୍ଶନ

ଏବଂ ମାନବୀୟ ମୂଲ୍ୟବୋଧକୁ ସୁଦୃଢ଼ କରେ ଏବଂ ଜ୍ଞାନର ପରିସରକୁ ବିସ୍ତାର କରେ।

ସାହିତ୍ୟିକ ହେଉଛନ୍ତି ସେହି ବ୍ୟକ୍ତି ଯିଏ ସାହିତ୍ୟ ସୃଷ୍ଟି କରନ୍ତି। ସେ ନିଜର ଅନୁଭୂତି, ପର୍ଯ୍ୟବେକ୍ଷଣ, ଅଧ୍ୟୟନ ଓ ସୃଜନଶୀଳ ଚିନ୍ତାକୁ ଶବ୍ଦରେ ପ୍ରକାଶ କରନ୍ତି। ଜଣେ ପ୍ରକୃତ ସାହିତ୍ୟିକ କେବଳ ଲେଖକ ନୁହେଁ, ସେ ସମାଜର ସଚେତନ ପର୍ଯ୍ୟବେକ୍ଷକ, ଚିନ୍ତକ ଓ ପଥପ୍ରଦର୍ଶକ ମଧ ଅଟନ୍ତି।

ସାହିତ୍ୟ ଓ ସାହିତ୍ୟିକ ପରସ୍ପର ପରିପୂରକ। ସାହିତ୍ୟିକ ବିନା ସାହିତ୍ୟର ସୃଷ୍ଟି ସମ୍ଭବ ନୁହେଁ, ଏବଂ ସାହିତ୍ୟ ବିନା ସାହିତ୍ୟିକଙ୍କର ପରିଚୟ ଅସମ୍ପୂର୍ଣ୍ଣ। ଯେପରି ଜଣେ ଚିତ୍ରକରର ଚିତ୍ର ବିନା ଅସ୍ତିତ୍ୱ ନାହିଁ, ସେହିପରି ସାହିତ୍ୟିକ ବିନା ସାହିତ୍ୟର ଜନ୍ମ ହୁଏ ନାହିଁ। ଅନ୍ୟପକ୍ଷରେ ସାହିତ୍ୟ ହିଁ ସାହିତ୍ୟିକଙ୍କୁ ଚିରସ୍ମରଣୀୟ କରିଥାଏ।

ସାହିତ୍ୟର ମୂଳ ଉଦ୍ଦେଶ୍ୟ ହେଉଛି ମଣିଷର ମାନସିକ ଓ ନୈତିକ ବିକାଶ। ଏହା ସମାଜର ସତ୍ୟକୁ ଉନ୍ମୋଚନ କରେ, ଅନ୍ୟାୟ ବିରୋଧରେ ସ୍ୱର ଉଠାଏ, ମାନବତାକୁ ପ୍ରତିଷ୍ଠା କରେ ଏବଂ ଜୀବନକୁ ସରସ ସୁନ୍ଦର କରିବାର ପ୍ରେରଣା ଦିଏ। ସାହିତ୍ୟ ଏକ ଜାତିର ଇତିହାସ, ସଂସ୍କୃତି ଓ ଚେତନାର ଜୀବନ୍ତ ଦଲିଲ।

ଜଣେ ସାହିତ୍ୟିକଙ୍କ ଦାୟିତ୍ୱ କେବଳ ଲେଖାଲେଖିରେ ସୀମିତ ନୁହେଁ। ସେ ସମାଜର ଦୁଃଖ, ସୁଖ, ସଂଘର୍ଷ ଓ ସମସ୍ୟାକୁ ବୁଝି ସତ୍ୟନିଷ୍ଠ ଭାବରେ ସାହିତ୍ୟ ଜ୍ଞାନ, ସଂସ୍କୃତି ଓ ମୂଲ୍ୟବୋଧର ବାହକ, ସାହିତ୍ୟିକ ସେହି ମୂଲ୍ୟବୋଧର ସୃଷ୍ଟିକର୍ତ୍ତା ଓ ପ୍ରଚାରକ।

ଓଡ଼ିଆ ସାହିତ୍ୟ ଅନେକ ମହାନ ସାହିତ୍ୟିକଙ୍କ ଅବଦାନରେ ସମୃଦ୍ଧ ହୋଇଛି। ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ଗୋପୀନାଥ ମହାନ୍ତି, ସଚ୍ଚିଦାନନ୍ଦ ରାଉତରାୟ ଓ ଅନ୍ୟାନ୍ୟ ସାହିତ୍ୟିକ ନିଜ ରଚନା ମାଧ୍ୟମରେ ଓଡ଼ିଆ ଭାଷାକୁ ସମୃଦ୍ଧ କରିଛନ୍ତି। ସେମାନଙ୍କ ସୃଷ୍ଟି କେବଳ ସାହିତ୍ୟ ନୁହେଁ, ଓଡ଼ିଶାର ସଂସ୍କୃତି ଓ ପରିଚୟର ଅମୂଲ୍ୟ ସମ୍ପଦ।

ଡିଜିଟାଲ ଯୁଗରେ ସାହିତ୍ୟର ରୂପ ବଦଳିଛି। ଇ-ବୁକ୍, ବ୍ଲଗ୍, ଅନଲାଇନ୍ ପତ୍ରିକା ଓ ସାମାଜିକ ଗଣମାଧ୍ୟମ ସାହିତ୍ୟକୁ ନୂତନ ପାଠକଙ୍କ ପାଖରେ ପହଞ୍ଚାଇଛି। ସେହିପରି ସାହିତ୍ୟିକଙ୍କ ଦାୟିତ୍ୱ ମଧ ବଢ଼ିଛି। ସେମାନଙ୍କୁ ସତ୍ୟ, ମାନବିକତା ଓ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇ ସୃଜନ କରିବାକୁ ହେଉଛି ।

ସାହିତ୍ୟ ଓ ସାହିତ୍ୟିକ ପରସ୍ପରର ପରିପୂରକ। ସାହିତ୍ୟ ହେଉଛି ମାନବ ଚେତନାର ଅମୂଲ୍ୟ ସମ୍ପଦ, ଆଉ ସାହିତ୍ୟିକ ହେଉଛନ୍ତି ସେହି ସମ୍ପଦର ସୃଷ୍ଟିକର୍ତ୍ତା। ଜଣେ ଉତ୍କୃଷ୍ଟ ସାହିତ୍ୟିକ ନିଜ କଲମ ମାଧ୍ୟମରେ ସମାଜକୁ ଆଲୋକିତ କରନ୍ତି ଏବଂ ଯୁଗଯୁଗ ଧରି ସ୍ମରଣୀୟ ହୋଇ ରୁହନ୍ତି। ସେହିପରି ସାହିତ୍ୟକୁ ବୁଝିବା ପାଇଁ ସାହିତ୍ୟିକଙ୍କୁ ଜାଣିବା ଆବଶ୍ୟକ, ଏବଂ ସାହିତ୍ୟିକଙ୍କ ମହତ୍ତ୍ୱ ବୁଝିବା ପାଇଁ ସାହିତ୍ୟର ମୂଲ୍ୟ ଉପଲବ୍ଧି କରିବା ଆବଶ୍ୟକ। ଉଭୟ ମିଶି ଏକ ସୁସ୍ଥ, ସଂସ୍କୃତ ଓ ସଚେତନ ସମାଜ ଗଠନରେ ଅପରିହାର୍ଯ୍ୟ ଭୂମିକା ପାଳନ କରନ୍ତି।


+ ଭୁବନେଶ୍ୱର
ମୋ: ୭୯୭୮୩୬୮୮୨୫




## ପୁଣି ଫେରିଯିବୁନି ତ ଧନ

### ଗୌରୀ ମେହେର

ମୋ ଆଖିର ସପନ ତୁ ରେ,
ତୁ ମୋ କାଳିଆ ଧନ।
ମୋ କୁଟୀରକୁ ଯେବେ ଆସୁରେ,
କୋଳ ମୋ ହୋଇଯାଏ ପୂର୍ଣ୍ଣ।

ତୁ ଆସିଲେ ମହକି ଯାଏ ମୋ ଘର
ତୁଳସୀ, ତୁଳସୀ, ଆଉ ବାସ ଚନ୍ଦନ।
ଏଇ ଗୁଣ୍ଡିଚା ମା'ର ଘର ଖଣ୍ଡିକ ଲାଗେ
ତୋ ଶିରୀ ମନ୍ଦିର ସମାନ।

କେତେ ବେଳେ ହୁଏ ଦିନ କି ରାତି,
ଆଉ ନ ଥାଏ ମୋ ଜ୍ଞାନ।
ମୋ କୋଳେ ହସୁଥିଲେ ତୁରେ,
ମୋ ଗଳା ରତନ, ଉଦିଆ ଜହ୍ନ।

ପୋଡ ପିଠା, କ୍ଷୀରି, ପୁରି ଖାଉଥାଉ,
ଯାହା ତୋର ଭାରି ମନ।
ତୋ ପେଟ ପୁରି ଯାଉଥିଲେ ବାପ,
ହସେ ସିନା ମୋ ବଦନ।

ଏମିତି ସବୁ ବରଷ ତୁ ତ ଆସୁ ଯେ,
ହେଲେ ଫେରିଯାଉ ରହି ମାତ୍ର ନଅ ଦିନ।
ମୋ ହାତ ରନ୍ଧା ରୁଚେ ନି କିରେ,
ତୋତେ ଚକା ନୟନ, କଳାମୋହନ।
ପୁରି ଉଚ୍ଛୁଳି ପଡୁଥିବା ଘରଟି ମୋର
ହୋଇଯାଏ ଶବ୍ଦ ଶୂନ୍ୟ।
ଏ ବରଷ ବି ଆସିଛୁ,
ହେଲେ ଯିବାକୁ କହିବୁନି ତ
ଲୁହରେ ଭିଜେଇ ମୋ ଦୁଇ ନୟନ।

ଫୁଲ, ଚନ୍ଦନର ମହକ ଭରି।
ପୁଣି କନ୍ଦେଇବୁନି ତ ଧନ।
ଖୁସିର ଝଲକ ଦେଇ,
ପୁଣି ଲୁହ ସାଗରେ ଭସେଇ
ସବୁଥର ଭଳି ପୁଣି ଫେରିଯିବୁନି ତ ଧନ।

ବରଷ ଯାକ ନ ହେଲେ ନାହିଁରେ
ଅନ୍ତତଃ ରହିଯା ତୁ ଆଉ କେତେ ଦିନ।
ମନ ଭରି ତୋତେ ମମତା ବାଣ୍ଟନ୍ତି
ଖାଲି ଦେଖୁଥାନ୍ତି ତୋ ଶ୍ରୀ କଳା ବଦନ
ଦେଖୁଥାନ୍ତି ତୋ କଳା ବଦନ।


+ ଗମ୍ଭାରୀଗୁଡ଼ା
ନୂଆପଡା
ମୋ: ୯୧୭୮୭୪୧୩୩୬


## ଜଗନ୍ନାଥ ସଂସ୍କୃତିରେ ଆମେ

### ପ୍ରତିଭା ଦାଶ

ଜଗତର ନାଥ ଜଗନ୍ନାଥ ପ୍ରଭୁ
ବ୍ରହ୍ମାଣ୍ଡ କରତା ସିଏ
ଜାତି ଧର୍ମ ବର୍ଣ୍ଣ ଭେଦର ଭାବନା
ନ ଥାଏ ତା' ଶାସନରେ ।
ସବୁଙ୍କୁ ସମାନ ଦିଏ ଆଶୀର୍ବାଦ
ମୁରୁକି ମୁରୁକି ହସି
ଲୋକଙ୍କ ମୁଖରେ ହସ ଦେଇ ହସେ
ବଡ଼ ଦେଉଳରେ ବସି ।
ତା' ଚକା ଆଖିକୁ ଚାହିଁଦେଲେ ଥରେ
ହଜିଯାଏ ମନ ମୋର
ପାଦ ଯୁଗଳରେ କରିଲେ ଜୁହାର
ଉଦୟ ହୁଏ ଜ୍ଞାନର ।
ଦାରୁବ୍ରହ୍ମ ଦିଅଁ କାଳିଆ ଠାକୁର
ଭକ୍ତଙ୍କ ହୃଦୟେ ରୁହେ
ସଂସାରର ଲୀଳା କରି ସେ ଦେଖଇ
ସଭିଙ୍କର ଗାଳି ସହେ ।
ତା' ମହାପ୍ରସାଦ ଗ୍ରହଣ କରିଲେ
ମନକୁ ମିଳଇ ତୃପ୍ତି
ଜଗା ଦରଶନେ ଦଉଡ଼ି ଟାଣିଲେ
ମିଳେ ଯେ ଅପାର ଶାନ୍ତି ।
ଦୟା କରୁଣାର ଗନ୍ତାଘର ଅଟେ
ବିପଦେ ସାହା ହୁଅଇ
ଦୁଃଖୀଙ୍କ ଗୁହାରୀ ମନ ଧ୍ୟାନେ ଶୁଣି
ନିମିଷେ ଦୂର କରଇ ।
ପିପିଲି ଚାନ୍ଦୁଆ ଓଡ଼ିଶୀ ନୃତ୍ୟରେ
ଜଗା ଛବି ଶୋଭା ପାଏ
ଆମରି ସଂସ୍କୃତି କାରୁକଳା କାର୍ଯ୍ୟ
ତା' କୃପାରେ ତିଷ୍ଠି ରହେ ।


+ ନୂଆପଡ଼ା


## ବର୍ଷା ଓହ୍ଲେଇ ଆ

### ସରସ୍ୱତୀ ମେହେର

ବର୍ଷା ରାଣୀ ଓହ୍ଲେଇ ଆ ଧରାକୁ
ଜୀବ ଜନ୍ତୁ ହେଲେଣି ଆତୁର
ସବୁଠି ଶୁଖିଲା, ନଇନାଳ,ଗାଡିଆ
କେତେ କରିବୁ ଲୋ କଲବଲ ।

ଜଳ ବିନା ପରା ଜୀବନ ନାହିଁ
ତୋର ମହିମା ଅପାର
ବର୍ଷା ରାଣୀ ତୁ ଦୟାର ଭଣ୍ଡାର
ଜୀବ ଜଗତର କରୁ ଉପକାର ।

ଚାଷୀର ତୁ ଲୋ ସହା ଭରସା
ସେଇ ଶସ୍ୟ ସମସ୍ତଙ୍କୁ ଲୋଡା
ବିନା ଖାଦ୍ୟ ରେ ବଞ୍ଚି ହୁଏନି
ଯେମିତି ମାଛ ଆଉ ପାଣି ପରିକା।

ମୟୂର ଚାହିଁଛି ଚାତକ ପରି ତୋ ବାଟକୁ
ବେଙ୍ଗ ଡାକୁଛି ଟର୍ ଟର୍ ଟର୍
ପକ୍ଷୀ ଗାଇଛନ୍ତି ଗୀତ କରି ସ୍ୱାଗତ
ଛୋଟ ପିଲା କାଗଜ ଡଙ୍ଗା ହାତର ।

ଗଛ ଲତାକୁ କରି ଦେ ସବୁଜ
ଫୁଲ, ଫଳରେ ସଜେଇ
ନଈ, ପୋଖରୀ କରି ଭରପୁର
ନିଜକୁ ଦେ ତୁ ଝରେଇ ।

ଦିଶିବ ସୁନ୍ଦର ବସୁଧା ମାଆ
ପିନ୍ଧି ସବୁଜ ଶାଢ଼ୀକୁ
ଆନନ୍ଦରେ ଗାଇବ ଜୀବ
ତୋର ଅପର ମହିମାକୁ ।


+ ଯୋଗିବାହାଲ,
ସିନାପାଲି, ନୂଆପଡ଼ା

# ଚରମ୍ପା ଅଂଚଳରେ ନୂତନ ମଦ ଦୋକାନ ନଖୋଲିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର: ଦୋକାନ ଖୋଲିଲେ ରାଜରାସ୍ତାକୁ ଓହ୍ଲାଇବେ ସ୍ଥାନୀୟ ବାସିନ୍ଦା

ଭଦ୍ରକ,୨୨/୦୭ (ନି.ପ୍ର): ଭଦ୍ରକ ଚରମ୍ପା ଅଂଚଳରେ ଏକ ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ନଦେବା ନେଇ ଆଜି ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ଦେଇଛନ୍ତି। ଏ ସଂପର୍କରେ ଚରମ୍ପା ଅଂଚଳର ସୁବ୍ରତ କୁମାର ଦାସ, କିଶୋର ଚନ୍ଦ୍ର ବାରିକ, ନରେନ୍ଦ୍ର କୁମାର ଦାସ, ସନ୍ତୋଷ କୁମାର ଧଳଙ୍କ ସମେତ ବହୁ ମହିଳା ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ଥିବା ତଥ୍ୟ ଅନୁସାରେ ଚରମ୍ପା ଅଂଚଳରେ ଜିଲାର ମୁଖ୍ୟ ରେଳଷ୍ଟେସନ ରହିଥିବାବେଳେ ପଡୋଶୀ ପାଂଚଗୋଟି ଜିଲାର ଯାତ୍ରୀମାନେ ଯାତାୟତ କରିଥାନ୍ତି। ଏତଦବ୍ୟତୀତ ଚରମ୍ପା ବଜାର ରେଳଷ୍ଟେସନ ଅଂଚଳରେ ଆରସିବିଏଲ୍ ଉଚ୍ଚ ବିଦ୍ୟାଳୟ, ଆରସିବିଏଲ୍ ପ୍ରାଥମିକ ବିଦ୍ୟାଳୟ, ଚରମ୍ପା ବାଳିକା ଉଚ୍ଚବିଦ୍ୟାଳୟ, ହାପିହୋମ୍ ବିଦ୍ୟାଳୟ, ବାଘମରା ପ୍ରାଥମିକ ବିଦ୍ୟାଳୟ, ଡଗରାସାହି ପ୍ରାଥମିକ ବିଦ୍ୟାଳୟ, ହନୁମାନ ଜୀଉ ପ୍ରାଥମିକ ବିଦ୍ୟାଳୟ ଭଳି ବହୁ ଶିକ୍ଷାନୁଷ୍ଠାନ ରହିଛି। ଏତଦ୍‌ବ୍ୟତୀତ ଏଠାରେ ଲକ୍ଷ୍ମୀନାରାୟଣ ମନ୍ଦିର, ମା' ଦୁର୍ଗା କାଳୀ ମନ୍ଦିର, ହନୁମାନ ଜୀଉ ମନ୍ଦିର, ଶନି ମନ୍ଦିର, ଶୀରାମ ମନ୍ଦିର, ଜଗନ୍ନାଥ ମନ୍ଦିର ଓ ଅନେକ ମସଜିଦ୍ ଓ ଚର୍ଚ୍ଚ ରହିଛି। ଫଳରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ପାଇଁ ଏଠାକୁ ଯିବାଆସିବା କରିଥାନ୍ତି। ଏବଂ ଚରମ୍ପା ବଜାରର ମାତ୍ର ଶହେ ମିଟର ମଧ୍ୟରେ ଅନେକ କଲୋନୀ, ଆଦିବାସୀ ବସ୍ତି ରହିଅଛି। ଏହି ଆଦିବାସୀ ବସ୍ତିର ବହୁ ଲୋକ ଦିନ ମଜୁରିଆ ଅଟନ୍ତି। ଏଭଳି ପରିସ୍ଥିତିରେ ଏଠାରେ ଏକ ନୂତନ ମଦ ଦୋକାନ ଖୋଲିବାକୁ ଯାଉଛି। ଏହି ମଦ ଦୋକାନ ଖୋଲିଲେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଯାତାୟତରେ ନାନା ବିଶୃଙ୍ଖଳା ସୃଷ୍ଟି ହେବ। ବିଶେଷକରି ଏହା ଖୋଲାଗଲେ ମଦ୍ୟପଙ୍କ ଆଡ୍ଡା ଜମିବା ଫଳରେ ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡିବ। ପ୍ରତ୍ୟେକଦିନ ଷ୍ଟେସନ ବଜାରକୁ ଆସୁଥିବା ମହିଳାମାନେ ଅସାମାଜିକ ତତ୍ୱଙ୍କ ଅଶ୍ଳୀଳ ଇଙ୍ଗିତର ସମ୍ମୁଖୀନ ହେବେ। ଏପରିକି ଆଦିବାସୀ କଲୋନୀରେ ରହୁଥିବା ଦିନ ମଜୁରିଆ ମଦ୍ୟପାନ କରିବା ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଖରାପ ହେବା ସହ ପାରିବାରିକ ଅଶାନ୍ତି ଦେଖାଦେବ। ଏଣୁ ଜିଲାପାଳ, ସ୍ଥାନୀୟ ଜନସାଧାରଣ ଗରିବ ଶ୍ରେଣୀର ସାମାଜିକ ବ୍ୟକ୍ତି ବିଶେଷଙ୍କ ହିତ ପାଇଁ ଉକ୍ତ ମଦ ଦୋକାନ ଖୋଲିବାକୁ ଅନୁମତି ନଦେବାକୁ ସେମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦାମାନେ ରାଜରାସ୍ତାକୁ ଆସି ଅନଶନ କରିବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ରର ନକଲ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ, ଜିଲା ଅବକାରୀ ଅଧୀକ୍ଷକ ଏବଂ ଅବକାରୀ କମିଶନରଙ୍କୁ ପ୍ରଦାନ କରିଛନ୍ତି।

# ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ନୂଆପଡ଼ା,୨୨/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଏସ୍.ଡି.ଓ., ଆର୍ ଆଣ୍ଡ ବି ସୁକାନ୍ତ ଗାର୍ଡିଆ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୂର୍ବ ବୈଠକର କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଓ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସହରାଂଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକାରୀ ଯାନ ବ୍ୟତୀତ ଅନ୍ୟ ସମସ୍ତ ଭାରୀ ଯାନ ଚଳାଚଳ ଉପରେ କଟକଣାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୂଆପଡ଼ା-ପଦମପୁର ରାସ୍ତାରେ ଶୀଘ୍ର ଇଂଟେଲିଜେଂନସ୍ ଏନଫୋର୍ସମେଂଟ ମ୍ୟାନେଜମେଂଟ ସିଷ୍ଟମ୍ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଅତ୍ୟଧିକ ବେଗ, ହେଲମେଟ ଏବଂ ସିଟ୍ ବେଲ୍ଟ ବ୍ୟବହାର ନ କରିବା ସମେତ ବିଭିନ୍ନ ଟ୍ରାଫିକ ନିୟମ ଉଲ୍ଲଂଘନ ସ୍ୱୟଂଚାଳିତ ଭାବେ ଚିହ୍ନଟ କରାଯିବ। ଜିଲ୍ଲାପାଳ 'ନୋ ହେଲମେଟ-ନୋ ପେଟ୍ରୋଲ' ଅଭିଯାନକୁ ଅଧିକ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନିଜ ଅଧୀନସ୍ଥ କର୍ମଚାରୀମାନେ ହେଲମେଟ ପିନ୍ଧି କାର୍ଯ୍ୟାଳୟକୁ ଆସୁଥିବା ସୁନିଶ୍ଚିତ କରିବାକୁ କହିଥିଲେ। କଲେକ୍ଟରେଟର ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଏହାର ଅନୁପାଳନ ତଦାରଖ ଦାୟିତ୍ୱ ଉପଜିଲ୍ଲାପାଳଙ୍କୁ ଦିଆଯାଇଛି। ଜିଲ୍ଲାରେ ସ୍ଥାପିତ ୧୦ଟି ହେଲମେଟ ହବର କାର୍ଯ୍ୟକାରିତାର ସମୀକ୍ଷା କରି ଜିଲ୍ଲାପାଳ ସେଗୁଡ଼ିକର ନିୟମିତ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ। ସିଡିଏମ୍ ଓ ପିଏଚ୍‌ଓଙ୍କୁ ସମସ୍ତ ହେଲମେଟ ହବ୍‌ରେ ପ୍ରାଥମିକ ଚିକିତ୍ସା ବାକ୍ସ ଉପଲବ୍ଧ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ସଡ଼କ ସୁରକ୍ଷା ସଙ୍କେତ ଫଳକର ଆବଶ୍ୟକତା ଥିବା ସ୍ଥାନଗୁଡ଼ିକୁ ପୁନଃ ସର୍ଭେ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆରଟିଓ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆରଟିଓ ପକ୍ଷରୁ ଉପସ୍ଥାପିତ ଏନଫୋର୍ସମେଂଟ ତଥ୍ୟ ଅନୁଯାୟୀ, ଜୁନ୍-୨୦୨୬ ମାସରେ ମୋଟ ୯୬୫ଟି ଟ୍ରାଫିକ ନିୟମ ଉଲ୍ଲଂଘନ ମାମଲା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରେ ୩୦୯ଟି ହେଲମେଟ ବିନା ଗାଡ଼ି ଚଳାଇବା, ୧୫୦ଟି ଅତ୍ୟଧିକ ବେଗ, ୧୯ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ସମେତ ଅନ୍ୟାନ୍ୟ ମାମଲା ରହିଛି। ଏହି ସମୟ ମଧ୍ୟରେ ୪୭୮ଟି ଇ-ଚାଲାଣ ଫଇସଲା ହୋଇ ମୋଟ ୨୦ ଲକ୍ଷ ୭୫ ହଜାର ୮୦୮ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୧୬୦ଟି ଡ୍ରାଇଭିଂ ଲାଇସେନ୍ସ ସସ୍ପେଣ୍ଡ କରାଯାଇଥିବା ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ୩,୨୬୩ଟି ହେଲମେଟ ବିନା ଗାଡ଼ି ଚଳାଇବା ଏବଂ ୧୫୪ଟି ମଦ୍ୟପ ଅବସ୍ଥାରେ ଗାଡ଼ି ଚଳାଇବା ମାମଲାରେ ଚାଲାଣ କରାଯାଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ସିଡିଏମ୍ ଓ ପିଏଚ୍‌ଓ ଡା. ଦ୍ୱାରିକାନାଥ ଶତପଥୀ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା. ସୁଖେନ୍ଦୁ ରାୟ, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ମୋଟର ଯାନ ନିରୀକ୍ଷକ ଉପେନ୍ଦ୍ର ପୁସିକା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ନୂଆପଡ଼ା, ଖରିଆର ଓ ଖରିଆର ରୋଡ଼ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଚୋରି ଘଟଣାର ପର୍ଦ୍ଦାଫାସ: ଜଣେ ଅଭିଯୁକ୍ତ ଗିରଫ, ନଗଦ ଟଙ୍କା ସହ ସାମଗ୍ରୀ ଜବତ

ଝାରସୁଗୁଡ଼ା,୨୨/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ବନହରପାଲି ଥାନା ପୁଲିସ ଏକ ଚୋରି ଘଟଣାର ସଫଳ ପର୍ଦ୍ଦାଫାସ କରି ମାମଲା ରୁଜୁ ହେବାର ମାତ୍ର ୧୦ ଘଂଟା ମଧ୍ୟରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାନୁସାରେ, ସରଣ୍ଡାମାଲ ଗ୍ରାମର ଧନୀନାଥ ରାଉତ ବନ୍ଧବାହାଲସ୍ଥିତ ସ୍ୱାଧୀନ କମ୍ପ୍ଲେକ୍ସରେ ଥିବା ନିଜ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ଗତ ୨୦ ଜୁଲାଇରେ ବନହରପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ବନହରପାଲି ଥାନା କେସ୍ ନଂ-୨୧୮/୨୦୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ର ଧାରା ୩୩୧(୪) ଓ ୩୦୫(ଏ) ଅନୁସାରେ ମାମଲା ରୁଜୁ କରାଯାଇଥିଲା।

ତଦନ୍ତରେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଦୋକାନର ଆଜବେଷ୍ଟସ୍ ଛାତ ଭାଙ୍ଗି ଭିତରକୁ ପ୍ରବେଶ କରି ନଗଦ ଟଙ୍କା ସହ ବିଭିନ୍ନ ତେଜରାତି ସାମଗ୍ରୀ ଚୋରି କରିଥିଲେ। ପୁଲିସ ବୈଜ୍ଞାନିକ ପ୍ରମାଣ ସଂଗ୍ରହ, ବୈଷୟିକ ବିଶ୍ଳେଷଣ ଓ ସମନ୍ୱିତ କ୍ଷେତ୍ର ତଦନ୍ତ ଆଧାରରେ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ଅଧୀନ ଲିପାସପାଲି ଗ୍ରାମର ସୂରଜ ସିଂଘାରିଆ ଓରଫ ହନୁ (୨୦)ଙ୍କୁ, ଯିଏ ବର୍ତମାନ ବନ୍ଧବାହାଲର କର୍ପାବାହାଲରେ ରହୁଥିଲେ, ଘଟଣା ରୁଜୁ ହେବାର ୧୦ ଘଂଟା ମଧ୍ୟରେ ଗିରଫ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କାର ଅଂଶ ବୋଲି ସନ୍ଦେହ କରାଯାଉଥିବା ୧,୭୫୦ ଟଙ୍କା, ଏକ ଖାଲି ମନଷ୍ଟର ଏନର୍ଜି ଡ୍ରିଙ୍କ କ୍ୟାନ୍, ତିନୋଟି ଖାଲି ଅମୂଲ କୁଲ୍ ବୋତଲ, ଏକ ଭଙ୍ଗା ତାଲା ଓ ଘର ଭାଙ୍ଗିବାରେ ବ୍ୟବହୃତ ଆଜବେଷ୍ଟସ୍ ଛାତର ତିନୋଟି ଭଙ୍ଗା ଖଣ୍ଡ ଜବତ କରାଯାଇଛି।

## ଦିବ୍ୟଜୀବନ ସଂଘର ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗୀର,୨୨/୦୭ (ନି.ପ୍ର): ଦିବ୍ୟଜୀବନ ସଂଘ ବଲାଙ୍ଗୀର ଶାଖାର ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମ କର୍ତା ଚୟନ କରାଯାଇଛି। ଶିବାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ଭାବରେ ଶଶିଭୂଷଣ ପୁରୋହିତ, ଉପସଭାପତି ଭାବରେ ସଞ୍ଜୀବ କୁମାର ପାଣିଗ୍ରାହୀ, ସାଧାରଣ ସମ୍ପାଦକ ଭାବରେ ରଶ୍ମୀରଞ୍ଜନ ବକ୍ସି, ସହସମ୍ପାଦକ ଭାବରେ ନୀରଦ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ଭାବରେ ନୟନ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି।

# ରାସ୍ତା ଖୋଳି ଛାଡିଦେଇଛି ଜଳଯୋଗାଣ ବିଭାଗ: ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ

ବଲାଙ୍ଗିର,୨୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଂଚାୟତ ବୁଢ଼ୀପଦର ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ର ମନ୍ଥର କାର୍ଯ୍ୟ ପାଇଁ ଗ୍ରାମବାସୀ ନାହିଁନଥିବା ହଇରାଣ ହେଉଛନ୍ତି। ୨୦୨୪ ମସିହା ରୁ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲେ ମଧ ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା କାମ ସମ୍ପୂର୍ଣ ହୋଇନାହିଁ। ଘର କୁ ଘର ପାଇପ ସଂଯୋଗ ପାଇଁ ଗ୍ରାମର କଂକ୍ରିଟ ରାସ୍ତା କୁ ଖୋଳି ଦିଆଯାଇଛି। ତାହାକୁ ପୁନର୍ବାର କଂକ୍ରିଟ କରାଯାଇନଥିବାରୁ ଗ୍ରାମବାସୀ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି।ବର୍ଷା ଦିନରେ ଗାତରେ ପାଣି ଜମି କାଦୁଅ ପଚ ପଚ ହେଉଥିବାରୁ ରାସ୍ତାରେ ଯାତାୟାତ କରିବା ବହୁ କଷ୍ଟକର ହୋଇପଡିଛି। ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ ଓ ମହିଳା ମାନେ ପ୍ରତିଦିନ ସମସ୍ୟା ର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ଏନେଇଁ ଗ୍ରାମବାସୀ ଠିକାଦାର ଙ୍କୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ କଂକ୍ରିଟ କାମ ଶୀଘ୍ର ସାରିଦେବାର ପ୍ରତିଶୃତି ଛଡା କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।ଫଳରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ର କାର୍ଯ୍ୟ ପ୍ରତି ଗ୍ରାମବାସୀ ଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ତୁରନ୍ତ ଅସମ୍ପୂର୍ଣ କାମ ଶେଷ କରି ଖୋଳା ଯାଇଥିବା ରାସ୍ତାକୁ ପୂର୍ବ ଭଳି କଂକ୍ରିଟ କରିବାକୁ ଗ୍ରାମବାସୀ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କିଶୋର ନ୍ୟାୟ ଆଇନ୍ ଓ ସାଇବର ସୁରକ୍ଷା ଉପରେ ସଚେତନତା ଶିବିର

ବଲାଙ୍ଗୀର,୨୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପଥରଚେପା ଠାରେ ଅବସ୍ଥିତ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ କିଶୋର ନ୍ୟାୟ ଆଇନ୍ ଓ ସାଇବର ସୁରକ୍ଷା ଉପରେ ଶିଶୁ ଓ ଅଭିଭାବକମାନଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ଙ୍କ ଅଧ୍ୟକ୍ଷତାରେ ସଚେତନତା ଅଭିଯାନ ଆରମ୍ଭକରାଯାଇଛି। କାର୍ଯକ୍ରମରେ ଶିକ୍ଷକ ବିକ୍ରମ ଭୁଏ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ଶ୍ରମିକ ଆଇନ୍, ଲିଙ୍ଗ ନିରୂପଣ ଆଇନ୍ ଉପରେ ଜଣାଇଥିଲେ। ମୁଖ୍ୟତଃ ବର୍ତମାନ ପରିସ୍ଥିତିରେ ସାଇବର୍ ସୁରକ୍ଷା ପାଇଁ ରଖିବା, ଅନ୍ୟାନ୍ୟ ଅଜଣା ଲିଙ୍କ୍ କୁ କ୍ଲିକ୍ ନ କରିବା, ସାଇବର୍ ବୁଲିଂ ଅର୍ଥାତ୍ ଭୟଭୀତ କରୁଥିବା ବିଷୟ ଜଣାଇବା ଏବଂ ସରକାରୀ ସହାୟତା ନମ୍ବର୍ ୧୯୩୦କୁ ତୁରନ୍ତ ଜଣାଇବାପାଇଁ ବୁଝାଇ କହିଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତୀ କହିଲେ ଶିଶୁମାନେ ଶିକ୍ଷା ପ୍ରତି ଆଗ୍ରହ ହୋଇ ବୈଷୟିକ, ସେଲ୍ଫ ଫାଇନାନ୍ସ, ପିପିପି ମୋଡ, ବୃତିଭିତିକ ଶିକ୍ଷା ରେ ନିଯୁକ୍ତି ସୁଯୋଗ ଥିବାରୁ ଅନୁସରଣ କରିବାକୁ ପ୍ରବର୍ତାଇଥିଲେ। କୌଣସି ଅନଲାଇନ ତଥା ଫେସବୁକ୍, ଇନଷ୍ଟାଗ୍ରାମ, ୱାଟସେପ୍, ୟୁଟ୍ୟୁବ ଭିଡିଓ, ମେସେଜର ଭଲ ଦିଗଗୁଡ଼ିକୁ ଅନୁସରଣ କରି ଭୁଲ ଦିଗକୁ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେଇଥିଲେ।

# ସମୟରେ ଆସୁନାହାନ୍ତି ଶିକ୍ଷକ: ଅନ୍ଧାରରେ ଶିକ୍ଷା ବ୍ୟବସ୍ଥା

ଚମ୍ପୁଆ,୨୨/୦୭ (ନି.ପ୍ର): ଶିକ୍ଷା ହିଁ ଜାତିର ମେରୁଦଣ୍ଡ ଏବଂ ବିଦ୍ୟାଳୟ ହେଉଛି ଶିଶୁଙ୍କ ଭବିଷ୍ୟତ ଗଢ଼ିବାର ମନ୍ଦିର। ମାତ୍ର କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହି ପବିତ୍ର ଉକ୍ତି ଏବେ କେବଳ ପୁସ୍ତକୀୟ ଭାଷାରେ ସୀମିତ ହୋଇ ରହିଯାଇଥିବା ପରି ମନେ ହେଉଛି। ବ୍ଲକର ଅଧିକାଂଶ ସରକାରୀ ବିଦ୍ୟାଳୟରେ ସରକାରୀ ନିୟମ, ନିର୍ଦ୍ଧାରିତ ସମୟସୀମା ଏବଂ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଏବଂ ଅଭିଯୋଗ ଅନୁଯାୟୀ , ଚମ୍ପୁଆ ବ୍ଲକର ବିଭିନ୍ନ ବିଦ୍ୟାଳୟ ନିର୍ଦ୍ଧାରିତ ସମୟରେ ଖୋଲୁନାହିଁ କି ବନ୍ଦ ମଧ ନିୟମ ଅନୁସାରେ ହେଉନାହିଁ। ଅଧିକାଂଶ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମୟାନୁବର୍ତୀ ହୋଇ ବିଦ୍ୟାଳୟରେ ପହଂଚୁ ନାହାନ୍ତି। ନିଜର ମନମୁଖୀ ଇଚ୍ଛା ଅନୁସାରେ ଆସିବା ଏବଂ ଚାଲିଯିବା ଯୋଗୁଁ ବିଦ୍ୟାଳୟର ପାଠପଢ଼ା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଯାଇଛି। ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମୁଖ୍ୟତଃ ଗ୍ରାମାଂଚଳ ଏବଂ ସାଧାରଣ ଗରିବ ପରିବାରର ପିଲାମାନେ ପାଠ ପଢ଼ିଥାନ୍ତି। ମାତ୍ର କିଛି ଦାୟିତ୍ୱହୀନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଏପରି ଅବହେଳା ମନୋଭାବ ପ୍ରମାଣ କରୁଛି ଯେ, ଗରିବଙ୍କ ପିଲାଙ୍କ ଶିକ୍ଷା ପ୍ରତି ସେମାନଙ୍କର ଆଦୌ ଦରଦ ନାହିଁ। ଶିକ୍ଷକମାନଙ୍କ ଏଭଳି ବେପରୁଆ କାର୍ଯ୍ୟକଳାପ ଯୋଗୁଁ ନିରୀହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କ୍ରମଶଃ ଅନ୍ଧକାର ଆଡ଼କୁ ଗତି କରୁଛି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ବ୍ୟାପକ ଅନିୟମିତତା ବିରୋଧରେ ସଚେତନ ମହଲ ପକ୍ଷରୁ ଗ୍ରହଣ କରାଯାଇଛି କଠୋର ପଦକ୍ଷେପ। ଏ ସମ୍ପର୍କରେ ଚମ୍ପୁଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଏବିଇଓ ନରେନ୍ଦ୍ର କୁମାର ନାଏକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟରେ ଶିକ୍ଷକମାନେ କିପରି ସମୟାନୁବର୍ତୀ ହେବେ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ସେନେଇ ଦାବି କରାଯାଇଛି। ଏହି ସନ୍ଦର୍ଭରେ ଏବିଇଓ ନରେନ୍ଦ୍ର କୁମାର ନାଏକ ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ଯଥାଶୀଘ୍ର ସମସ୍ତ ବିଦ୍ୟାଳୟକୁ ନୋଟିସ୍ ଜାରି କରାଯିବ ଏବଂ ସିଆର୍‌ସିମାନେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥାନ ଉପରେ କଡ଼ା ନଜର ରଖିବେ। ନିୟମ ଖିଲାପ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏବିଇଓଙ୍କ ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ସୀମିତ ରହିବ, ନା ପ୍ରକୃତରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ତାହା ବର୍ତମାନ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ମୋଟା ଦରମା ନେଇ ମଧ ନିଜ କର୍ତବ୍ୟରୁ ବିମୁଖ ହେଉଥିବା ଶିକ୍ଷକଙ୍କ ବିରୁଦ୍ଧରେ ପ୍ରଶାସନ କେବେ ଏବଂ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ବାକି ରହିଲା।

## ଜିଲ୍ଲାସାରା ବୁଲିବ ଚାଷୀ ସଚେତନତା ରଥ

କେନ୍ଦ୍ରାପଡ଼ା,୨୨/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନାରେ ସାମିଲ୍ ହେବାପାଇଁ ଚାଷୀମାନଙ୍କୁ ସଚେତନ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏକ ରଥକୁ ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଡିଆର୍‌ସିଏସ୍ ପ୍ରଭାକର ନାୟକ, ଏଆର୍‌ସିଏସ୍ ଯୋଗେନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତାମଣି ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା,୨୨/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ଠାରେ ମଧୁସାଗର ଆବାସିକ ବିଦ୍ୟାପୀଠର ପ୍ରତିଷ୍ଠାତା ୰ଚିନ୍ତାମଣୀ ଗୁରୁଜୀଙ୍କ ଛାତ୍ର ତଥା ଶିକ୍ଷକ ନେତା ଭ୍ରମର ରାଉତଙ୍କ ଜନ୍ମ ବାର୍ଷିକ ଅବସରରେ ଅଙ୍ଗୁଳାଇ ଗ୍ରାମଦେବୀ ମା ତାରିଣୀଙ୍କ ପୀଠରେ ଗୁରୁଜୀଙ୍କ ଜୀବନାଦର୍ଶ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେରୁ ଉର୍ଦ୍ଧ୍ୱ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗାନ୍ଧିପନ୍ଥୀ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ଶିକ୍ଷକ ଚିନ୍ତାମଣୀ ଗୁରୁଜୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ୰ଗୁରୁଜୀ ନିଜର ସମସ୍ତ ସମ୍ପତି ଦାନ କରି ୧୯୬୭ରେ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ସନ୍ଥ ବିନୋବାଙ୍କ ଠାରୁ ଆରମ୍ଭ କରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ, ରମାଦେବୀ ଆଚାର୍ଯ୍ୟ ହରିହର, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ତତ୍କାଳୀନ ଭାରତର ଜାତୀୟ କଂଗ୍ରେସର ସଭାପତି ୟୁ.ଏନ୍ ଧେବର ଓ ଗୁରୁଜୀଙ୍କ ଛାତ୍ର ଦିବଂଗତ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମଧୁସାଗର ବିଦ୍ୟାପୀଠ ଆସିଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ୧୯୪୮ରେ ନିପଟ ମଫସଲ ନଦୀନାଳ ଘେରା ଅଂଚଳର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଗୁରୁଜୀ ମଧୁସାଗର ବିଦ୍ୟାପୀଠ ପ୍ରତିଷ୍ଠା କରି ଗାନ୍ଧିଜୀଙ୍କ ମୌଳିକ ଶିକ୍ଷା ପ୍ରଚଳନ କରି ପାଠପଢ଼ା ସହିତ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ କରି ଗରିବ ଅସହାୟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିଥିଲେ। ଏଥିସହିତ ସମାଜ ସଂସ୍କାର ମାଧ୍ୟମରେ କମ୍ ବୟସ ବିଧବା ମହିଳାଙ୍କୁ ଦ୍ୱିତୀୟ ବିବାହ କରାଇ ମହିଳାଙ୍କୁ ନୂତନ ଦିଶା ଦେଖାଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ବୈଷ୍ଣବ ଖଣ୍ଡୁଆଳ, କେଶବ ଚରଣ ଲେଙ୍କା, ପ୍ରଭାତି ସାହୁ, ଅରବିନ୍ଦ ସ୍ୱାଇଁ, ବିଦୁଲତା ପତି, ଧ୍ରୁବଚରଣ ସାହୁ, ନୀଳମାଧବ ରାଉତ, ସେକ୍ ମନସୁର୍ ଅଲ୍ଲୀ, କ୍ୟାପଟେନ୍ ପ୍ରେମାନନ୍ଦ ରାଉତ, ମନୋଜ ନନ୍ଦ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ତାମଣୀ ଗୁରୁଜୀ ଓ ରୁକ୍ମଣୀ ଦେବୀ ସ୍ମାରକୀ ନ୍ୟାସର ସଭାପତି ବୃନ୍ଦାବନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯକ୍ରମରେ ସଭା ଶେଷରେ ଭ୍ରମର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ବାଲ୍ୟବିବାହ ନିରୋଧୀ କାର୍ଯ୍ୟଖସଡ଼ା(୨୦୨୬-୨୦୨୯) ଉନ୍ମୋଚିତ

କେନ୍ଦୁଝର, ୨୧ ଜୁଲାଇ(ହି.ସ.) – ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'କେନ୍ଦୁଝର ଜିଲ୍ଲା ବାଲ୍ୟବିବାହ ନିରୋଧୀ ରଣନୀତିକ କାର୍ଯ୍ୟଖସଡ଼ା(୨୦୨୬ - ୨୦୨୯)' ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି। ଆଗାମୀ ତିନି ବର୍ଷ (୨୦୨୬-୨୦୨୯) ମଧ୍ୟରେ କେନ୍ଦୁଝର ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଏକ ବ୍ୟାପକ ସାମାଜିକ ଓ ସଚେତନତାଧର୍ମୀ ରଣନୀତି ଏହି ଯୋଜନା ମାଧ୍ୟମରେ ପ୍ରସ୍ତୁତ କରାଯାଇଛି। ବୈଠକରେ ୟୁନିସେଫ୍, ଭୁବନେଶ୍ୱରର ଶିଶୁ ସୁରକ୍ଷା କନସଲଟାଂଟ ଶ୍ରୀ ଘାସିରାମ ପଣ୍ଡା ଯୋଗଦେଇ କହିଥିଲେ ଯେ, 'କେବଳ ନିୟମ ଓ ଦସ୍ତାବିଜ୍ ତିଆରି କରି ରଖିଦେଲେ ବାଲ୍ୟବିବାହ ବନ୍ଦ ହୋଇପାରିବ ନାହିଁ। ଯଦି ପରିବାର ଓ ସମାଜର ନୀତିନିୟମ ଦୁର୍ବଳ ହୁଏ, ତେବେ ବାଲ୍ୟବିବାହର ସମ୍ଭାବନା ବୃଦ୍ଧି ପାଏ। ଏହା ଶିଶୁସୁରକ୍ଷା ପାଇଁ ଏକ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଲିଙ୍ଗଗତ ହିଂସା ରୋକିବା ପାଇଁ ପ୍ରତ୍ୟେକ ବ୍ଲକରେ ଥିବା ପ୍ରେରଣା କେନ୍ଦ୍ରଗୁଡ଼ିକରେ ପ୍ରେରଣା ଦିଦିମାନଙ୍କୁ ଆହୂତ କରି ପ୍ରତି ୭ ଦିନରେ ଥରେ କେନ୍ଦ୍ର ଖୋଲି ବିସ୍ତୃତ ଆଲୋଚନା ଓ ସଚେତନତା ସୃଷ୍ଟି କରିବାକୁ ନିଷ୍ପତି ନିଆଯାଇଛି। ସୁଦକ୍ଷ ଯୋଜନା ମାଧ୍ୟମରେ କିଶୋରୀ ଓ ଝିଅମାନଙ୍କୁ ବିଭିନ୍ନ ବୃତିଗତ ଓ ବୈଷୟିକ ଶିକ୍ଷାରେ ତାଲିମ ଦେଇ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଶିଶୁମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ବିଶେଷ ମିଳିତ ସହଯୋଗୀ ପଦକ୍ଷେପ ବୋଲି ସେ ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ସ୍କୁଲରେ ଭିଡ଼ିଓ ମାଧ୍ୟମରେ କିଶୋର-କିଶୋରୀମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ ଓ ବାଲ୍ୟବିବାହର କୁପରିଣାମ ସମ୍ପର୍କରେ ଶିକ୍ଷା ଦେବାକୁ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ଓ ଅଭିଭାବକ ସଚେତନତା: ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଅଭିଭାବକମାନଙ୍କୁ ଅଧିକ ସଚେତନ କରିବା, ପିଲାମାନଙ୍କୁ ନିୟମିତ ସ୍କୁଲକୁ ଆଣିବା ଏବଂ ଗୁଣାତ୍ମକ ଶିକ୍ଷା ଦାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ ମଲ୍ଲିକ, ପିଓ କେନ୍ଦୁଝର ସଦର ଶ୍ରୀମତୀ ଚୂଳେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଧା ଗୋସ୍ୱାମୀ, କେନ୍ଦୁଝରଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ,ଶ୍ରୀମତୀ ରଞ୍ଜିତା ଦାଶ, ଜିଲ୍ଲା ସଂଯୋଜିକା- ଅଦ୍ୱିକା ସେଂଟର ଅଫ୍ ଏକ୍ସଲେନ୍ସ, ଶ୍ରୀ ଅଜିତ କୁମାର ମହାନ୍ତି, ଜିଲ୍ଲା ସଂଯୋଜକ(ପୋଷଣ), ଏହା ସହିତ ବିଭିନ୍ନ ପଂଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ପ୍ରତିନିଧି ଏବଂ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ସ୍ୱାଧୀନତାର ୮୦ ବର୍ଷରେ ଆମ ବସ୍ ସେବା କାହା ପାଇଁ ?

ଖୋର୍ଦ୍ଧା,୨୨/୦୭ (ନି.ପ୍ର): ସ୍ୱାଧୀନତାର ୮୦ ବର୍ଷ କଟିଗଲାଣି। ରାଜଧାନୀର ନିକଟ ସମ୍ପର୍କୀୟ ନୂଆ ଗାଁ, ନାଥପୁର, ଇଡିପୁର, ଟିକରପଡା, ଶୁଆବରୀ, ଅର୍ଜୁନଗଦା, ଓପର ଗାଁ, ତଳସାହି, ଡିହସାହି, ରଘୁନାଥପୁର, ବିନ୍ଧା, ବାଲିକୁଦା, ଦକ୍ଷିଣ ନୂଆଗାଁ ଓ ପିପିଲି ଆଦି ଗ୍ରାମାଂଚଳକୁ ଏ ପର୍ଯ୍ୟନ୍ତ ଆମ ବସ୍, ସରକାରୀ ବସ୍ ଓ ବେସରକାରୀ ବସ୍ ଅଦ୍ୟାବଧି ଯାତାୟାତ କରୁନାହିଁ। ଫଳରେ, ଗ୍ରାମାଂଚଳ ଲୋକେ ଯାତାୟାତରୁ ବଂଚିତ ହେଉଛନ୍ତି। ନିଜ ଖର୍ଚ୍ଚରେ ବ୍ୟକ୍ତି ବିଶେଷ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛନ୍ତି। ଅନ୍ୟ ପଟେ, ହଜାର ହଜାର ଦୁଃଖିରଙ୍କ ଇଚ୍ଛା ଥିଲେ ମଧ ଲିଙ୍ଗରାଜ ମନ୍ଦିର ହେଉ କିମ୍ବା ହାଟ ବାଟ ହେଉ, ଅର୍ଥ ଅଭାବରୁ ଏଥିରୁ ବଂଚିତ ହେଉଛନ୍ତି। ମୁହଁ ମାଡି ସେହି ଅଂଚଳରେ ପଡି ରହିଛନ୍ତି। ଏହାର ପ୍ରତିକାର ନିମନ୍ତେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ର ବାରମ୍ବାର ଧାରଣା, ରାଲି କରାଯାଇ କ୍ଲଟ୍ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରୁଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନାହିଁ।ଏପରିକି ଛାତ୍ରମାନେ ସ୍କୁଲ କଲେଜ ଯିବା ଆସିବା କରିବା ଓ ପନିପରିବା ହାଟକୁ ନେବା, ବୟସ୍କ ଲୋକ ଚିକିତ୍ସା ସୁବିଧା ପାଇଁ ଡାକ୍ତରଖାନା ଯିବା ସମ୍ଭବ ହୋଇପାରୁନାହିଁ। ତେଣୁ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଶ୍ରୀ ମିଶ୍ରଙ୍କ ସମେତ ତାରା ଚରଣ ଆଚାର୍ଯ୍ୟ, ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ଉଲ୍ଲାସ ମହାପାତ୍ର, କାଳନ୍ଦୀ ଭୋଇ , ସୁକାନ୍ତ ଭୋଇ ପ୍ରମୁଖ ଦାବି କରିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଭଦ୍ରକ,୨୨/୦୭ (ନି.ପ୍ର): ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧିନ ତଳଦୁମୁକା ଗାଁର ଅସହାୟ ଚାଷୀ ଜୟଦେବ ନାୟକ(୬୯) ଝିଅ ଘରୁ ସନ୍ଧ୍ୟା ସମୟରେ ଆରଡି ଦେଇ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଗୁରୁତର ଭାବେ ଚେତାଶୂନ୍ୟ ହୋଇ ରାସ୍ତାରେ ପଡ଼ିଥିଲେ। ଫଳରେ ଦୁର୍ଘଟଣା ଘଟାଇଥିବା ଗାଡି ଦୃତ ଗତିରେ ଘଟଣାସ୍ଥଳରୁ ପଳେଇ ଯାଇଥିଲା। ହେଲେ ରାସ୍ତାରେ ମୃମୁସ ଅବସ୍ଥାରେ ପଡିରହିଥିବା କିଛି ପଥଚାରୀ ଦେଖି ପରିବାର ଲୋକଙ୍କୁ ଖବର ଦେବାରୁ ଚାଷୀ ଜୟଦେବଙ୍କୁ ପ୍ରଥମେ ଆରଡି ମେଡିକାଲ ଓ ପରେ ଭଦ୍ରକ ନେଇଥିଲେ। ହେଲେ ମୁଣ୍ଡରେ ଗଭୀର ଆଘାତ ହୋଇଥିବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ ମୃତ୍ୟୁ ଘଟିଥିଲା।

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ



ବାଲେଶ୍ୱର , ୨୨/୭ (ନି.ପ୍ର): ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ କେନ୍ଦ୍ରର ବିଜେପି ସରକାରର ଦମନ ଲୀଳା ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ବିକ୍ଷୋଭ ଏବଂ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଗୋପୀନାଥ ପାଢ଼ୀ, ପ୍ରଭାସ ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, କେଶବ ନାୟକ, ଗୁରୁପ୍ରସନ୍ନ ମିଶ୍ର, ବିଜୟ ମହାନ୍ତି, ନିଶିଥ ବାରିକ, ସମ୍ପାଦକ ସାହେବା ଅକତର, ସୌଭିକ ଜେନା, ସେକ୍ ନିଜାମୁଦ୍ଦିନ, ପଶୁପତି ଉପାଧ୍ୟାୟ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ରେମୁଣା ବ୍ଲକ ସଭାପତି କହ୍ନେଇ ବେହେରା, ପିସିସି ସଭ୍ୟ ତରୁଣ ଦାସ, ସେକ ଅଜଗର ଅଲ୍ଲୀ, ଜୀବନ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ କେନ୍ଦ୍ର ସରକାରଙ୍କ ତାନାସାହି ଶାସନକୁ କଡ଼ା ସମାଲୋଚନା କରିଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ୍ ଶାହ ଓ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା ।

# ଭୋଟ ପରିଚୟପତ୍ର ପାଇବା ପାଇଁ ଗୁହାରି ଜଣାଇଲେ ଶାନ୍ତି ମାଝୀ



ଉଦଳା , ୨୨/୭ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ବାସିନ୍ଦା ସୂର୍ଯ୍ୟାଟୁଡୁଙ୍କର ସହଧର୍ମିଣି ଶାନ୍ତି ମାଝୀ ଭୋଟ ପରିଚୟପତ୍ର ପାଇବା ପାଇଁ ଗୁହାରି ଜଣାଇଛନ୍ତି । ଶାନ୍ତି ମାଝୀଙ୍କୁ ବର୍ତ୍ତମାନ ବୟସ ୨୫ ବର୍ଷ ଛୁଇଁଥିବା ବେଳେ ସେ ଏ ପର୍ଯ୍ୟନ୍ତ ଭୋଟ ପରିଚୟପତ୍ର ପାଇପାରିନଥିବାର କଥା କହିଛନ୍ତି । ଏ ବାବଦରେ ସେ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ଆଗକୁ ନିର୍ବାଚନ ଆସୁଥିବା ସାଙ୍ଗକୁ ଏବେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିଛି । ଏତିକି ବେଳେ ଭୋଟ ପରିଚୟପତ୍ର ପାଖରେ ରଖିବାକୁ ଶାନ୍ତି ମାଝୀ ଅଧିକ ଜରୁରୀ ମନେ କରୁଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି ।

# ବାବା ମୋଟର୍ସ ପକ୍ଷରୁ ରକ୍ତଦାନ ଶିବିର: ୫୬ ୟୁନିଟ ରକ୍ତ ସଂଗୃହୀତ




ବାଲିଆପାଳ, ୨୨/୭ (ନି.ପ୍ର): ବାଲିଆପାଳର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ବାବା ମୋଟର୍ସ ସହଯୋଗରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ! ବାଲିଆପାଳ ପ୍ରତିଷ୍ଠିତ ବାବା ହିରୋ ସୋରୁମ୍ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୬ଜଣ ସେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥି ଭାବରେ ବାଲିଆପାଳ ୟୁକୋ ବ୍ୟାଙ୍କ ମ୍ୟାନେଜର ହେମନ୍ତ ଦାସ; ବାଲିଆପାଳ ପୂର୍ବର୍ତନ ସରପଞ୍ଚ ମଧୁସୂଦନ ଦାରିକ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଳନ କରଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ବେଣୁଧର ଜେନା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବାବା ମୋଟର୍ସର ପ୍ରୋପାଇଟର ଅମୀୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ସୋରୁମର ମ୍ୟାନେଜର ସରୋଜ କୁମାର ପ୍ରମାଣିକ, ବଳରାମ ବିଶ୍ୱାଳ,ପ୍ରଶାନ୍ତ ରଣଜିତ, ଜୟନ୍ତ ସେଠି, ଭୋଳାନାଥ ପାଣିଗ୍ରାହୀ, ସତ୍ୟଜିତ ସେନାପତି, ସୁବ୍ରତ ବାରିକ, ସେକ ଫରାଜ୍ୟୁଦ୍ଦିନ, ଚନ୍ଦନ ଜେନା, ପପୁ ସାହୁ,ଅନିଲ ମହଲ,ମନୋଜ ମୁଖି, ବ୍ରଜକିଶୋର ପାତ୍ର, ଅଞ୍ଜନ ଆଚାର୍ଯ୍ୟ, ପୁନଃ ସାହୁ, ଦେବବ୍ରତ ସାହୁ, ହେମନ୍ତ ସାହୁ, କମଳାକାନ୍ତ ଦେ, ସେକ ସବୁଦ୍ଦିନ, ସକିଲ ଖାନ, ସେକ ମୈୟୁର, ପ୍ରତାପ ପ୍ରାମାଣିକ, ସେକ ତାଜ୍ମୀରୁଦ୍ଦିନ, ରାଜେଶ, ଦିବ୍ୟ, ଜଗନ୍ନାଥ ସେନାପତି, ମାନସ ପରିଡା, ଲିପି ପାତ୍ର ପ୍ରମୁଖ ମିଶ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବାଲେଶ୍ୱର ରକ୍ତ ଭଣ୍ଡାରର ଡାକ୍ତର ମୃଣ୍ମୟ ରେଞ୍ଜଦାର ରକ୍ତ ଦାତାମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିଥିଲା ବେଳେ ଟେକନିସିଆନ ଅକ୍ଷୟ ଜେନା, ସଭାଗ୍ୟବତୀ ପରିଡା, ମୋନାଲିସା ମହାନ୍ତି, ଖିରୋଦ ବାହେରା ରକ୍ତସଂଗ୍ରହ କରିଥିଲେ । ସାମ୍ବାଦିକ ଉମାକାନ୍ତ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ପ୍ରୋପାଇଟର ଶ୍ରୀ ବାରିକ ସମସ୍ତ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ ।

# ବାଲେଶ୍ୱର ସହରକୁ ଜଳବନ୍ଦୀ ସମସ୍ୟାରୁ ମୁକ୍ତ କରିବା ଦିଗରେ ଐତିହାସିକ ପଦକ୍ଷେପର ଶୁଭାରମ୍ଭ: ସାଢ଼େ ଆଠ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୧୫ଟି ସ୍ଥାନରେ ଡ୍ରେନ ଓ କଲଭର୍ଟ ନିର୍ମାଣ ପାଇଁ ଅନୁଷ୍ଠିତ ହେଲା ଶିଳାନ୍ୟାସ




ବାଲେଶ୍ୱର, ୨୨/୭ (ନି.ପ୍ର): ବାଲେଶ୍ୱର ସହରରେ ଦୀର୍ଘ ଦିନର ଏକ ଗୁରୁତର ସମସ୍ୟା ଭାବେ ଦୃଶ୍ୟମାନ ହେଉଥିବା ସାମାନ୍ୟ ବର୍ଷାରେ ରାସ୍ତା ଜଳମଗ୍ନ ହେବା, ଯାତାୟାତ ବ୍ୟାହତ ହେବା, ବ୍ୟବସାୟ ପ୍ରଭାବିତ ହେବା ଏବଂ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେବା ପ୍ରଭୃତିର ନିରାକରଣ ପାଇଁ ଯୋଜନାବଦ୍ଧ ପଦକ୍ଷେପର ଶୁଭାରମ୍ଭ ହୋଇଯାଇଛି । ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ନିରନ୍ତର ପ୍ରୟାସରେ ସହରର ସମନ୍ୱିତ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ବୃହତ୍ ଡ୍ରେନେଜ୍ ମାଷ୍ଟର ପ୍ଲାନର ଅଂଶ ବିଶେଷ ୧୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ଏ ନେଇ ବାଲେଶ୍ୱର ପୌରାପାଳିକା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ନୂତନ ଭାବେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ଆବଶ୍ୟକତା ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ । ଯେଉଁ ଯେଉଁ ଅଂଚଳରେ ବର୍ଷା ସମୟରେ ବାରମ୍ବାର ଜଳବନ୍ଦୀ ସମସ୍ୟା ସୃଷ୍ଟି ହୁଏ, ସେହି ସ୍ଥାନଗୁଡିକରେ ବୈଜ୍ଞାନିକ ପ୍ରଣାଳୀରେ ଡ୍ରେନେଜ୍ ବ୍ୟବସ୍ଥା ନିର୍ମାଣ ପାଇଁ ପ୍ରାୟ ସାଢ଼େ ଆଠ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଏହି ପ୍ରକଳ୍ପଗୁଡିକ ଆରମ୍ଭ କରାଯାଉଛି । ଫଳରେ ବର୍ଷାଜଳ ନିଷ୍କାସନ କ୍ଷମତା ବୃଦ୍ଧି ପାଇବ, ଜଳବନ୍ଦୀପ୍ରବଣ ଅଂଚଳରେ ପାଣି ଜମିବା ସମସ୍ୟା ଯଥେଷ୍ଟ ହ୍ରାସ ପାଇବ ଏବଂ ସହରବାସୀ ନିଶ୍ଚିତ ଭାବେ ଆଶ୍ୱସ୍ତି ଲାଭ କରିବେ ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି । ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବୃହତ୍ ଡ୍ରେନେଜ୍ ମାଷ୍ଟର ପ୍ଲାନର ସଫଳ ରୂପାୟନ ପରେ ଜଳବନ୍ଦୀ ସମସ୍ୟା ସମ୍ପୂର୍ଣ୍ଣ ଭାବେ ନିରାକରଣ ହୋଇପାରିବ ବୋଲି ସେ କହିଛନ୍ତି । ତେବେ ସହରବାସୀଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ସ୍ଥାନରେ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଡ୍ରେନ୍ ଉପରେ ନିର୍ମିତ ଅତିକ୍ରମଣ ଓ ଅବୈଧ ନିର୍ମାଣକୁ ସ୍ୱତଃ ହଟାଇଦେବାକୁ ବିଧାୟକ ଶ୍ରୀ ଦତ୍ତ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ପୌରାଧକ୍ଷା ସବିତା ସାହୁଙ୍କ ପୌରହିତ୍ୱରେ ଆୟୋଜିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକାରୀ ହେଉଥିବା ନୂତନ ପ୍ରକଳ୍ପର ସମ୍ପର୍କରେ ସୂଚନା ଦେଇଥିଲେ । ଯୋଜନାରେ ସାମିଲ ପ୍ରକଳ୍ପଗୁଡିକ ମଧ୍ୟରେ ୧୯ ଓ ୨୦ନଂ ୱାର୍ଡରେ ତେଲେଙ୍ଗାସାହି ସାଇ ମନ୍ଦିର ଠାରୁ ରେଲୱେ କଲଭର୍ଟ ପର୍ଯ୍ୟନ୍ତ ୬୦ଲକ୍ଷ ଟଙ୍କା, ୨୬ନଂ ୱାର୍ଡରେ ଆଦ୍ୟାଶକ୍ତି ମନ୍ଦିର ଠାରୁ କଂଗ୍ରେସ ଅଫିସ ଦେଇ ମୋତିଗଞ୍ଜ ମସଜିଦ ପର୍ଯ୍ୟନ୍ତ ୬୦ଲକ୍ଷ ଟଙ୍କା, ୨୮ନଂ ୱାର୍ଡରେ ଗୋପାଳ ଗାଁ ଶ୍ମସାନ ଠାରୁ ଆଦିତ୍ୟ ଦାସ ଘର ଦେଇ ମହାନାଳ ପର୍ଯ୍ୟନ୍ତ ୪୦ଲକ୍ଷ ଟଙ୍କା, ୨୪ନଂ ୱାର୍ଡରେ ମିହିର ବାରିକଙ୍କ ଘର ଠାରୁ ଓଲନ୍ଦାଜ ସାହି କେନାଲ ପର୍ଯ୍ୟନ୍ତ ୪୦ଲକ୍ଷ ଟଙ୍କା, ୨୧ନଂ ୱାର୍ଡରେ ଭାସ୍କରଗଞ୍ଜ ଅଂଚଳରେ ୮୦ଲକ୍ଷ ଟଙ୍କା, ସହଦେବଖୁଂଟା ଅଂଚଳରେ ୩୦ ଲକ୍ଷ ଟଙ୍କା ଓ ଗୁଡିପଦା ଅଂଚଳରେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଡ୍ରେନ ସହିତ କଭର ସ୍ଲାବ ଓ କଲଭର୍ଟ ନିର୍ମାଣ, ୨୨ ଓ ୨୩ନଂ ୱାର୍ଡରେ ବିଶ୍ୱଗୁରୁ ପ୍ରେସ ଠାରୁ ଲୋକନାଥ ମନ୍ଦିର ଦେଇ ଆନନ୍ଦବଜାର ପର୍ଯ୍ୟନ୍ତ ୫୦ଲକ୍ଷ ଟଙ୍କା, ୧୭ନଂ ୱାର୍ଡରେ ଓଟି ରୋଡର ଓଡିଶା ସାଇକେଲ ଷ୍ଟୋର ଠାରୁ ସେଲ୍ସ ଟ୍ୟାକ୍ସ କଲୋନୀ ଓ ପଟେଲ କଲୋନୀ ଦେଇ ଏଲଆଇସି ଅଫିସ ନିକଟ ମହାନାଳ ପର୍ଯ୍ୟନ୍ତ ୯୦ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଡ୍ରେନ ସହିତ କଭର ସ୍ଲାବ ଓ କଲଭର୍ଟ ନିର୍ମାଣ କରାଯିବ । ସେହିପରି ୪ ଓ ୬ନଂ ୱାର୍ଡରେ ବାଲୁବଜାର ଛକ ୯ନଂ ରୋଜା ଠାରୁ କାଳୀ ମଣ୍ଡପ ପର୍ଯ୍ୟନ୍ତ ୨୩ଲକ୍ଷ ୯୮ହଜାର ଟଙ୍କା ଓ ୨୯ନଂ ୱାର୍ଡରେ ନେଳିଆବାଗ ନିୟୁ କଲୋନୀ ଠାରେ ଚୈତନ୍ୟ ନାୟକଙ୍କ ଘର ଠାରୁ ସନାତନ ନାୟକଙ୍କ ଘର ପର୍ଯ୍ୟନ୍ତ ୩୦ଲକ୍ଷ ୭୦ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ମହାନାଳ ସହିତ କଭର ସ୍ଲାବ ନିର୍ମାଣର ଯୋଜନା କରାଯାଇଛି । ୨୭ନଂ ୱାର୍ଡରେ ସରସ୍ୱତୀ ଶିଶୁମନ୍ଦିର ନିକଟରେ ୫୧ଲକ୍ଷ ୭୨ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ପ୍ରୋଟେକସନ ୱାଲ ନିର୍ମାଣ, ୨୦ନଂ ୱାର୍ଡରେ ଅଙ୍ଗାରଗଡିଆ ଫ୍ଲାଏ ଓଭରବ୍ରିଜ୍ ଠାରୁ ରେଲୱେ ନୟନଜୋରୀ ପର୍ଯ୍ୟନ୍ତ ୬୦ଲକ୍ଷ ୧୮ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଆରସିସି ଡ୍ରେନ ଓ କଭର ସ୍ଲାବ ନିର୍ମାଣ, ୧୧ନଂ ୱାର୍ଡରେ ନିକାହ ମହଲ କଲଭର୍ଟ ଠାରୁ ବୁଢ଼ାବଳଙ୍ଗ ନଦୀ ପର୍ଯ୍ୟନ୍ତ ୯୮ଲକ୍ଷ ୩୪ହଜାର ଟଙ୍କା ଓ କାଳୀ ମଣ୍ଡପ ଠାରୁ ନିକାହ ମହଲ କଲଭର୍ଟ ପର୍ଯ୍ୟନ୍ତ ୮୫ଲକ୍ଷ ୮ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ମହାନାଳ ନିର୍ମିତ ହେବ ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ କାଉନସିଲର ପଦ୍ମଲୋଚନ ପଣ୍ଡା ଓ ସତ୍ୟଶିବ ସୁନ୍ଦର ଦାସ ସହରର ଦୀର୍ଘଦିନର ସମସ୍ୟା ନିରାକରଣରେ ଆରମ୍ଭ ହୋଇଥିବା ପ୍ରକଳ୍ପ ପାଇଁ ବିଧାୟକ ଶ୍ରୀ ଦତ୍ତ ଓ ପୌରାଧକ୍ଷା ଶ୍ରୀମତୀ ସାହୁଙ୍କ ସମେତ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ନାଥ, ପ୍ରତିମା ବେହେରା, ରୋଜାଲିନ ପାଣି, ପ୍ରିତିଲତା ସେଠୀ, ନିରୂପମା ଦାଶ, ସଲିମା ବିବି, ସୁଚିସ୍ମିତା ପଣ୍ଡା, ଅମିତ ନାୟକ, ନିତ୍ୟଗୋପାଲ ସିଂ, ଦେବାଶିଷ ସିଂ, ଶେଖ ନୌସାଦ, ଭାରତୀ ପାତ୍ର ପ୍ରମୁଖ ମଂଚାସୀନ ଥିଲେ । ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୌରାଂଚଳର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଂଟନ କରାଯାଇଥିଲା ।

# ଲଗାଣ ବର୍ଷାରେ ଫୁଲିଲା ଶାଳନ୍ଦୀ କେନାଲ : ଚାଷକୁ ମାଡିଗଲା ବର୍ଷାପାଣି, ଚିନ୍ତାରେ ଚାଷୀ



ନୀଳଗିରି, ୨୨/୭ (ନି.ପ୍ର): କେନ୍ଦ୍ରସରକାରଙ୍କ ଯୋଜନାରେ କେନ୍ଦୁଝର ହଦଗଡ଼ ଠାରୁ ନୀଳଗିରିକୁ ସଂଯୋଗ କରୁଥିବା ସାଳନ୍ଦୀ କେନାଲ ଚାଷୀଙ୍କ ହିତଦୃଷ୍ଟିରୁ ନିର୍ମାଣ କରାଯାଉଥିବାବେଳେ ଦୀର୍ଘବର୍ଷ ଧରି କଚ୍ଛପଗତିରେ କାମ କରାଯାଉଥିବାରୁ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଫଳରେ ଚାଷୀମାନଙ୍କ ପାଇଁ କେନାଲ ଘାତକ ସାଜିଛି । ସୂଚନାଯୋଗ୍ୟ ଲଗାଣ ବର୍ଷାଯୋଗୁଁ କେନାଲର ପାଣି ତଳକୁ ନିଷ୍କାସନ ହୋଇନପାରି ବହୁ ସ୍ଥାନରେ ପାଣିଜମା ହୋଇ ଅଧିକ ପାଣି ଚାଷଜମିକୁ ମାଡ଼ିଯାଉଥିବାରୁ ଚାଷୀମାନେ ପକାଇଥିବା ଧାନତଳି ଓ ରୁଆଯାଇଥିବା ଧାନଗଛ ସବୁ ନଷ୍ଟ ହେବାକୁ ବସିଲାଣି । ଚାଷର ଅବସ୍ଥା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଲେଣି । ଫଳରେ ସାଳନ୍ଦୀ କେନାଲର ମହତ ଯୋଜନା ଚାଷୀଙ୍କ ପାଇଁ କାଳ ସାଜିଥିବାର କୁହାଯାଉଛି । ଏଭଳି ଅଭାବନୀୟ ଘଟଣା ନୀଳଗିରି ବିଜ୍ଞାପିତ ଅଞ୍ଚଳର ୫ନମ୍ବର ୱାଡ଼ ବରିସାହି ଠାରେ ଦେଖିବାକୁ ମିଳିଛି । କେନାଲ ବୁଡ଼ିଯାଇ ପାଣିବାହାରକୁ ମାଡ଼ିଯାଇଥିବାରୁ ବହୁ ଚାଷଜମି ନଷ୍ଟ ହୋଇଯାଇଛି । ବର୍ଷାଋତୁ ପୂର୍ବରୁ ଚାଷୀଙ୍କ ସ୍ୱାର୍ଥଦୃଷ୍ଟିରୁ ପାଣିନିଷ୍କାସନର ସଠିକ୍ ବ୍ୟବସ୍ଥା ନକରି ଠିକାଦାର ଚାଷୀମାରଣ ନୀତି ଆପଣେଇ ଥିବାର କୁହାଯାଉଛି । ଠିକାଦାରଙ୍କ ମନମାନିରେ କେନାଲ କାର୍ଯ୍ୟ ଚାଲୁଥିବାରୁ ଆଗକୁ କେନାଲକୁ ଲାଗି ହେକ୍ଟର ହେକ୍ଟର ଚାଷଜମି ଯେ ନଷ୍ଟନହେବ ଏଥିରେ ଦ୍ୱୈତ ନାହିଁ । ତେବେ ଆହୁରି ଦୁଇଦିନଧରି ଲଗାଣ ବର୍ଷା ହେବାର ସମ୍ଭାବନା ଥିବାବେଳେ ଚାଷୀମାନେ ନିଜନିଜ ଜମିରେ ଚାଷର ସୁରକ୍ଷାପାଇଁ ଜଗି ରହୁଥିବାର ଦେଖିବାକୁ ମିଳିଛି । ଏଭଳି ବିପତ୍ତିପାଇଁ ନୀଳଗିରି ଉପଜିଲ୍ଲାପାଳ, ବିଧାୟକ ନୀଳଗିରି ଓ ବାଲେଶ୍ୱର ସାଂସଦ ଦୃଷ୍ଟିଦେବାକୁ ସାଧାରଣରେ ଦାବୀହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସିଏମଓରୁ ଫାଇଲ ଗାଏବ...

କି ରାଜେଶ ବର୍ମାଙ୍କ ଅଡୁଆ ? ତାଙ୍କ ବିରୋଧରେ ଜାରି ହେବ କି ୱାରେଣ୍ଟ ? ନା ହାଜର ପାଇଁ ପୁଣି ନୋଟିସ୍ ? ନିଜେ ଲୁଚୁଛନ୍ତି, ନା କୌଣସି ଚାପରେ ଅଛନ୍ତି ? ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ତଦନ୍ତ ଅଗ୍ରଗତି ସମ୍ପର୍କ ପୁଲିସ କମିସନର ଏସ୍. ଦେବଦତ୍ତ୍ ସିଂ ଏବଂ ଭୁବନେଶ୍ୱର ଡିସିପି ଅବଗତ କରିଥିବା ବେଳେ, ସାମ୍ନାକୁ ଆସିଛି ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ବୟାନ । ସୁରେଶ ପୂଜାରୀ କହିଛନ୍ତି- ପୁଲିସ ପ୍ରସ୍ତୁତ କରିଥିବା ତାଲିକାରୁ କିଛି ଲୋକ ଅସୁସ୍ଥ ଅଛନ୍ତି । ଯିଏ ଫାଇଲ୍ ନେଇଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାର ହୋଇଥିଲା ସେ ବି ଅସୁସ୍ଥ ଅଛନ୍ତି । ଦେବ ପୁଲିସ ?... ଏହି ବହୁଚର୍ଚ୍ଚିତ ମାମଲାରେ, ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ଗତ ୧୮ ତାରିଖରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ । ହେଲେ ରାଜେଶ ନା ସେଦିନ ଆସିଥିଲେ, ନା ଆଜି । ପ୍ରଶ୍ନ ଉଠୁଛି, କାହିଁକି ତଦନ୍ତକୁ ଫାଙ୍କୁଛନ୍ତି ରାଜେଶ ବର୍ମା ପେଟରେ ଲୁଚାଇଛନ୍ତି କେଉଁ ଗୁମର ? ହାଜର ହୋଇ ପକ୍ଷ ରଖିବାରେ ଅସୁବିଧା କେଉଁଠି ? ନିଜେ ଲୁଚୁଛନ୍ତି, ନା କୌଣସି ଚାପରେ ଅଛନ୍ତି ? ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ତଦନ୍ତ ଅଗ୍ରଗତି ସମ୍ପର୍କ ପୁଲିସ କମିସନର ଏସ୍. ଦେବଦତ୍ତ୍ ସିଂ ଏବଂ ଭୁବନେଶ୍ୱର ଡିସିପି ଅବଗତ କରିଥିବା ବେଳେ, ସାମ୍ନାକୁ ଆସିଛି ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ବୟାନ । ସୁରେଶ ପୂଜାରୀ କହିଛନ୍ତି- ପୁଲିସ ପ୍ରସ୍ତୁତ କରିଥିବା ତାଲିକାରୁ କିଛି ଲୋକ ଅସୁସ୍ଥ ଅଛନ୍ତି । ଯିଏ ଫାଇଲ୍ ନେଇଛନ୍ତି ବୋଲି ଗଣମାଧ୍ୟମରେ ପ୍ରଚାର ହୋଇଥିଲା ସେ ବି ଅସୁସ୍ଥ ଅଛନ୍ତି । ଗୃହ ବିଭାଗରୁ ଫାଇଲ୍ ? ବାହାରି କେତେ ହାତ ହୋଇ ଆଗକୁ ଯାଇଛି, ସୋପାନ ସୋପାନ ହୋଇ ତଦନ୍ତ ହେବ । ଯେଉଁଠି ସୋପାନ ସରିଗଲା ସେ ଅପରାଧୀ ବୋଲି ଜଣାପଡ଼ିବ । ରାଜସ୍ୱ ମନ୍ତ୍ରୀ କାହାକୁ ଇଙ୍ଗିତ କରି ଏହି ମନ୍ତବ୍ୟ ଦେଇଛନ୍ତି, ତାକୁ ନେଇ ଚର୍ଚ୍ଚା ବଢ଼ିଛି ।

### ଫାଇଲ ଗାଏବ ମାମଲା...

କିଛି ଜାଣିଥାଇ ପାରନ୍ତି । ତେଣୁ, ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବା ଏବଂ ଜେରା ପାଇଁ ନିର୍ଦ୍ଧାରିତ ଦିନରେ ହାଜର ହେବାକୁ ନୋଟିସ୍‌ରେ କୁହାଯାଇଛି । ଏସିପି ଜୋନ୍-୧ଙ୍କ ପାଖରେ ହାଜର ହେବାକୁ ପାଣ୍ଡିଆନଙ୍କୁ ନୋଟିସ୍‌ରେ କୁହାଯାଇଛି । ନିଜସହ ଜରୁରୀ କାଗଜପତ୍ର, ରେକର୍ଡ, ଇଲେକ୍ଟ୍ରୋନିକ୍ସ ଉପକରଣକୁ ସାଙ୍ଗରେ ଆଣିବାକୁ କୁହାଯାଇଛି । ପୂର୍ବରୁ କ୍ୟାପିଟାଲ ଥାନା ପୂର୍ବତନ ଆଇଟି ସଚିବ ମନୋଜ ମିଶ୍ର ଏବଂ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜେଶ ବର୍ମା ରାଜେଶ ବର୍ମାଙ୍କୁ ବି ନୋଟିସ କରିଥିଲା । ଗତ ୧୮ ତାରିଖରେ ମନୋଜ ମିଶ୍ର ହାଜର ହୋଇଥିବାବେଳେ ରାଜେଶ ବର୍ମା ବର୍ତ୍ତମାନ ସୁଦ୍ଧା ହାଜର ହୋଇ ନାହାନ୍ତି ।

### ସିଜେପିର ଆବେଦନକୁ ଶୁଣିଲେନି ...

ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ପୀଠ ଆଗରେ ଓକିଲ ଜଣକ ଭିଡିଓ ଦେଖାଇବାକୁ ଚେଷ୍ଟା କରିଥିଲେ । ଆବେଦନକାରୀ ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତର କଥା କହିଥିଲେ ସୁଦ୍ଧା କୋର୍ଟ ନିଜ ନିଷ୍ପତ୍ତିରୁ ଓହରି ନଥିଲେ ଏବଂ ମାମଲାର ଜରୁରୀ ତାଲିକାଭୁକ୍ତ ଆବେଦନକୁ ଖାରଜ କରିଦେଇଥିଲେ । ତେବେ ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ସମାନ ମାମଲାରେ ଶୁଣାଣି କରିବାକୁ ମନା କରିଦେଇ 'ଅଦାଲତକୁ ଏସବୁ ଭିତରକୁ ଟାଣନ୍ତୁ ନାହିଁ' ବୋଲି ମନ୍ତବ୍ୟ ଦେଇଥିଲେ ।ଏହା ଉପରେ କ୍ରୋଧ ପ୍ରକାଶ କରି ପ୍ରଧାନ ବିଚାରପତି କହିଥିଲେ, 'ଆମର ଭିଡିଓ ଦେଖିବାରେ କୌଣସି ଆଗ୍ରହ ନାହିଁ, ଏସବୁ ଦେଖିବାକୁ ଆମ ପାଖରେ ସମୟ ନାହିଁ । ଆମର ସମୟ ନଷ୍ଟ କରନ୍ତୁ ନାହିଁ ଏବଂ ନିଜର ସମୟ ବି ନଷ୍ଟ କରନ୍ତୁ ନାହିଁ ।' ଆବେଦନକାରୀ ଲକ୍ଷ ଲକ୍ଷ ଛାତ୍ରଙ୍କ ଭବିଷ୍ୟତର କଥା କହିଥିଲେ ସୁଦ୍ଧା କୋର୍ଟ ନିଜ ନିଷ୍ପତ୍ତିରୁ ଓହରି ନଥିଲେ ଏବଂ ମାମଲାର ଜରୁରୀ ତାଲିକାଭୁକ୍ତ ଆବେଦନକୁ ଖାରଜ କରିଦେଇଥିଲେ । ତେବେ ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ସମାନ ମାମଲାରେ ଶୁଣାଣି କରିବାକୁ ମନା କରିଦେଇ 'ଅଦାଲତକୁ ଏସବୁ ଭିତରକୁ ଟାଣନ୍ତୁ ନାହିଁ' ବୋଲି ମନ୍ତବ୍ୟ ଦେଇଥିଲେ । ଗୋଟିଏ ପଟେ ଦିଲ୍ଲୀ ରାଜପଥରେ ଛାତ୍ରମାନଙ୍କର ଉତ୍ତେଜନାପୂର୍ଣ୍ଣ ଆନ୍ଦୋଳନ ଚାଲିଥିବା ବେଳେ କୋର୍ଟଙ୍କ ଏଭଳି କଠୋର ଆଭିମୁଖ୍ୟ ପରେ ଆନ୍ଦୋଳନକାରୀ ଛାତ୍ର ଓ ଓକିଲମାନଙ୍କୁ ବଡ଼ ଝଟ୍‌କା ଲାଗିଛି ।

### ହିମାଚଳ, ଜମ୍ମୁ-କାଶ୍ମୀର ...

କାଙ୍ଗ୍ରା ଜିଲ୍ଲାରେ ଗତକାଲି ରାତିସାରା ହୋଇଥିବା ବର୍ଷାରେ ତିନି ଜଣ ଆହତ ହୋଇଛନ୍ତି ଓ ୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି । ମଙ୍ଗଳବାର ଛଅଟି ଘର ଭାସିଯିବା ପରେ ଉପତ୍ୟକାରେ କ୍ଷତିଗ୍ରସ୍ତ ଘର ସଂଖ୍ୟା ୧୮ ରେ ପହଞ୍ଚିଛି । ଆସାମରେ ୩୧ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଜମ୍ମୁ-କାଶ୍ମୀରରେ ଗତ ୪୮ ଘଣ୍ଟାରେ ୨୩ ଜଣଙ୍କ ଜୀବନ ଯାଇଛି । ନାଗାଲାଣ୍ଡରେ ୯ ଜଣଙ୍କର ମୃତ୍ୟୁ ହୋଇଛି ।

### ଏନଡିଏକୁ ସମର୍ଥନ କରିବ କି ଶରଦଙ୍କ...

ମୌସୁମୀ ଅଧିବେଶନରେ ଆସିବାକୁ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ଶରଦ ପାୱାରଙ୍କ ଦଳ ସମର୍ଥନ କରିପାରେ । ବିଶେଷକରି ସୀମା ନିର୍ଦ୍ଧାରଣ ବିଲ୍‌କୁ ନେଇ ଏନସିପିର ଆଭିମୁଖ୍ୟ ଉପରେ ନଜର ରହିଛି । ଏପଟେ କିଛି ଦିନ ପୂର୍ବରୁ ଏନସିପି ନେତା ଜୟନ୍ତ ପାଟିଲ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ମଧ୍ୟରେ ହୋଇଥିବା ବୈଠକ ପରେ ମଧ୍ୟ ଏନଡିଏ ସହ ମେଣ୍ଟ ନେଇ ଚର୍ଚ୍ଚା ହୋଇଥିଲା । ତେବେ ଏନଡିଏରେ ସାମିଲ ହେବା ନେଇ ଚାଲିଥିବା ଚର୍ଚ୍ଚାକୁ ସୁପ୍ରିୟା ସୁଲେ ପୂର୍ବରୁ ଖଣ୍ଡନ କରିସାରିଛନ୍ତି । ସେ ସ୍ପଷ୍ଟ କରିଥିଲେ ଯେ, ସେ କିମ୍ବା ଦଳର କୌଣସି ବରିଷ୍ଠ ନେତା ବିଜେପି କିମ୍ବା ଅନ୍ୟ କୌଣସି ଦଳରେ ସାମିଲ ହେବେ ନାହିଁ । ତେଣୁ ମୋଦି-ପାୱାର ସାକ୍ଷାତକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲେ ମଧ୍ୟ ଏନସିପି ଏନଡିଏରେ ଯୋଗଦେବା ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ସ୍ପଷ୍ଟତା ଆସିନାହିଁ ।

### ଅନୁସୂଚିତ ଜାତି ଓ ଜନଜାତିଙ୍କ...

କେନ୍ଦ୍ରାପଡ଼ା, ଓ ପୁରୀ ରାଜସ୍ୱ ଜିଲ୍ଲା ଏବଂ ଖୋର୍ଦ୍ଧା ରାଜସ୍ୱ ସବ-ଡିଭିଜନ୍ ପରିସୀମା ମଧ୍ୟରେ କାର୍ଯ୍ୟକାରୀ ହେବ । ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହେବା ଦ୍ୱାରା ବହୁ ଦିନରୁ ପଡ଼ିରହିଥିବା ମାମଲାଗୁଡ଼ିକର ତ୍ୱରିତ ନିଷ୍ପତି ହୋଇପାରିବ । ପୋଲିସ ମୁଖ୍ୟାଳୟର ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ ର ନିରନ୍ତର ସମୀକ୍ଷା ଓ ପ୍ରୟାସ ଫଳରେ ଏହି ପ୍ରସ୍ତାବ ସାକାର ହୋଇପାରିଛି । ଏଡିଜିପି ଯତୀନ୍ଦ୍ର କୋୟଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ପ୍ରଚେଷ୍ଟା ବଳରେ ପେଣ୍ଡିଂ ମାମଲାର ସଠିକ୍ ଆକଳନ କରାଯାଇ ଗୃହ ବିଭାଗ ମାଧ୍ୟମରେ ହାଇକୋର୍ଟଙ୍କ ଏହି ଆନୁଷ୍ଠାନିକ ବିଜ୍ଞପ୍ତି ପରେ, ଗୃହ ବିଭାଗ ପକ୍ଷରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କୁ ଏହି ନୂତନ କୋର୍ଟଗୁଡ଼ିକ ପାଇଁ ବିଚାରପତି ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି । ଏହା ସହିତ ଅଧିକ ମାମଲା ପେଣ୍ଡିଂ ଥିବା ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଆଗାମୀ ଦିନରେ ଏହିପରି ସ୍ୱତନ୍ତ୍ର କୋର୍ଟ ଓ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତି ନେଇ ସରକାର ବିଚାର କରୁଛନ୍ତି ।

# ବିନାୟକପୁର ହାଇସ୍କୁଲରେ ପରିଚାଳନା କମିଟି ଗଠିତ



ବାସୁଦେବପୁର, ୨୨/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ସରକାରୀ ପଞ୍ଚାୟତ ହାଇସ୍କୁଲରେ ପରିଚାଳନା କମିଟି ଗଠିତ ହୋଇ ଯାଇଛି । ଏହି ଦିବସରେ ସଭାପତି ଭାବେ ଜଗବନ୍ଧୁ ବାରିକ୍ ଓ ଉପ ସଭାପତି ଭାବେ ସୁଲୋଚନା ମଲ୍ଲିକ ମନୋନୀତ ହୋଇଛନ୍ତି । ପନ୍ଦର ଜଣିଆ କମିଟି ଏହି ଅବସରରେ ଗଠନ ହୋଇ ଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର, ନୋଡାଲ ଅଫିସର ରତିକାନ୍ତ ବଳ,ସହକାରୀ ଶିକ୍ଷକ ଶିକ୍ଷୟତ୍ରୀ ମନୋରଞ୍ଜନ ଦାଶ,କମଳାକାନ୍ତ ନାୟକ,ମମତା ନାୟକ,ସ୍ୱର୍ଣଜିନି ମହାନ୍ତି, ପଦ୍ମାବତୀ ମହନି, ରଶ୍ମିତା ଦାସ, ରାମ ଚନ୍ଦ୍ର ହେମ୍ବ୍ରମ, ବିଭୁଦତ୍ତ ବେହେରା, ବାସନ୍ତୀ ଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିବା ସହିତ ପରିବେଶ ସୁରକ୍ଷା କରିବା ପାଇଁ ନବ ନିର୍ବାଚିତ ସଭାପତି ଜଗବନ୍ଧୁ ବାରିକ୍ ମତ ପ୍ରକାଶ କରିଥିଲେ । ଏହି ଅବସରରେ ସମସ୍ତ ସଦସ୍ୟ ସଦସ୍ୟା ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସଭାପତି ଓ ଉପ ସଭାପତିଙ୍କୁ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଶାନ୍ତି ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

## ସୂଚନା

ମୁଁ ମନୋଜ କୁମାର ବାରିକ (ପିତା: ବିଦ୍ୟାଧର ବାରିକ) ଉକ୍ତ ସମ୍ପତ୍ତିର ମାଲିକ ଅଟେ । ସମ୍ପତ୍ତିର ବିବରଣୀ: ମୌଜା- ଆଟୋ, ତହସିଲ- ଭଦ୍ରକ, ଥାନା- ଭଦ୍ରକ, ପ୍ଲଟ୍ ନଂ- ୬୯୪/୨୦୮୪, ଖାତା ନଂ- ୬୪୨/୧୩୯ । ଠିକଣା: ଗ୍ରାମ/ପୋଷ୍ଟ- ଆଟୋ, ଜିଲ୍ଲା- ଭଦ୍ରକ, ପିନ୍- ୭୫୬୧୨୩ । ମୁଁ ଭଦ୍ରକ ସ୍ଥିତ ମୋର ନିଜସ୍ୱ ଜମି ବନ୍ଧକ ରଖି 'ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ' (Jana Small Finance Bank)ର ଭଦ୍ରକ ଶାଖାରୁ ଋଣ ନେବାକୁ ଆବେଦନ କରିଛି । ଯଦି କାହାର କୌଣସି ଆପତ୍ତି ଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୪ ଦିନ ମଧ୍ୟରେ ଆମର ଓକିଲ ଗଦାଧର ବଳ (ମୋବାଇଲ୍ ନଂ- ୭୦୦୮୮୩୦୬୧୬) ଙ୍କ ସହିତ ଯୋଗାଯୋଗ କରନ୍ତୁ । ନିର୍ଦ୍ଧାରିତ ସମୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ମନୋଜ କୁମାର ବାରିକ

ଧ୍ୱନି ପ୍ରତିଧ୍ୱନି



# ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସାହିତ୍ୟିକ ବିବେକାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୨/୭ (ନି.ପ୍ର): କୀର୍ତ୍ତନ ବିହାରୀ–ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ଏକ ଗମ୍ଭୀର ସାହିତ୍ୟ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ଭ୍ରମଣ ସାହିତ୍ୟିକ ବିବେକାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ମାନପତ୍ରଟିକୁ ପାଠ କରିଥିଲେ ସୁ ସାହିତ୍ୟିକା ଲକ୍ଷ୍ମୀପ୍ରିୟା ଓଝା ଏବଂ ସଭାରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସୁଧନ୍ୟା ପାଣିଗ୍ରାହୀ ସାହିତ୍ୟିକମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ । ଟ୍ରଷ୍ଟର ମୁଖ୍ୟ ଡକ୍ଟର ନାରାୟଣ ସେନାପତି ମହୋଦୟ ସଭାରେ ଅଧ୍ୟକ୍ଷତା କରି ସାହିତ୍ୟ ଓ ସଂସ୍କୃତିର ବିକାଶରେ ସାହିତ୍ୟିକମାନଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାକୁ ପ୍ରିୟବ୍ରତ ପାତ୍ର ସୁନ୍ଦର ଭାବେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବଙ୍ଗାଳୀ ନନ୍ଦ, ଅଶୋକ ମହାନ୍ତି, ମାନସୀ ଦାସ, ଲକ୍ଷ୍ମୀପ୍ରିୟା ଓଝା, ଡକ୍ଟର ବାସନ୍ତୀ ମହାନ୍ତି, ଶର୍ମିଷ୍ଠା ମହାପାତ୍ର ଏବଂ ଶ୍ରୀଧର ବାରିକ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ ସାହିତ୍ୟିକଙ୍କ ସାହିତ୍ୟ ସାଧନା ଓ ଭ୍ରମଣ ସାହିତ୍ୟ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶେଷରେ ସମ୍ବର୍ଦ୍ଧିତ ସାହିତ୍ୟିକ ଶ୍ରୀ ପାଣିଗ୍ରାହୀ ଟ୍ରଷ୍ଟ ପକ୍ଷରୁ ମିଳିଥିବା ଏହି ସମ୍ମାନ ପାଇଁ କୃତଜ୍ଞତା ଜଣାଇବା ସହ ସାହିତ୍ୟ ସେବା ପ୍ରତି ନିଜର ପ୍ରତିବଦ୍ଧତା



ପୁନର୍ବ୍ୟକ୍ତ କରିଥିଲେ । ସାହିତ୍ୟପ୍ରେମୀ ଓ ବୁଦ୍ଧିଜୀବୀମାନଙ୍କର ଉପସ୍ଥିତିରେ ସଭାଟି ସଫଳତାର ସହ ସମାପ୍ତ ହୋଇଥିଲା । ପରିଶେଷରେ ଡକ୍ଟର ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

ଭଦ୍ରକ, ୨୨/୭ (ନି.ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତିର ସମୀକ୍ଷା ନିମନ୍ତେ ଇଲେକ୍ଟୋରାଲ ରୋଲ୍ ପର୍ଯ୍ୟବେକ୍ଷକ ତଥା ଉଚ୍ଚଶିକ୍ଷା ବିଭାଗର କମିଶନର-କମ୍-ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ବୁଧବାର ଭଦ୍ରକ ଜିଲ୍ଲା ଗସ୍ତ କରିଛନ୍ତି । ଜିଲ୍ଲାର ପ୍ରଥମ ଗସ୍ତ ଅବସରରେ ସେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିଲୀପ ରାଉତରାୟଙ୍କ ସହ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ନେଇ ଆୟୋଜିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ବୈଠକରେ ପରିଗଣନା ଫର୍ମ ସଂଗ୍ରହ, ଫର୍ମଗୁଡ଼ିକର ଯାଞ୍ଚ, ଡିଜିଟାଇଜେସନ୍ ପ୍ରକ୍ରିୟା, ଦାବି ଓ ଆପତ୍ତି ଗ୍ରହଣ, କ୍ଷେତ୍ରସ୍ତରରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟ ସମେତ ସଂଶୋଧନ ପ୍ରକ୍ରିୟାର



ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ ଅଗ୍ରୱାଲ ନିର୍ବାଚନ ଆୟୋଗଙ୍କ ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ଅନୁପାଳନ କରି ସ୍ୱଚ୍ଛ, ନିର୍ଭୁଲ ଓ ସମୟସୀମା ଭିତରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସମ୍ପନ୍ନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେ କ୍ଷେତ୍ରସ୍ତରରେ ଚାଲିଥିବା କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରି କାର୍ଯ୍ୟରେ ଅଧିକ ସମନ୍ୱୟ ଓ ଗୁଣାତ୍ମକତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଉପଜିଲ୍ଲାପାଳ ତାପସ କୁମାର ସେଠୀ, ଭଦ୍ରକ ତହସିଲଦାର ସଂଗ୍ରାମ ଖୁଣ୍ଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ, ଡେପୁଟି କଲେକ୍ଟର (ଇଲେକ୍ସନ) ସାଗରିକା ସାହୁ ଓ ଡେପୁଟି କଲେକ୍ଟର ପ୍ରତିମା ନାୟକ, ସହାୟକ ଜିଲ୍ଲାପାଳ ଶାଶ୍ୱତ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ମିଡ଼ିଆ ନୋଡାଲ ଅଫିସର (ନିର୍ବାଚନ) ମଧୁସ୍ମିତା ମହାପାତ୍ର ଉପସ୍ଥିତ ଥିଲେ ।

# ଓୟୁଜେ ବାଲେଶ୍ୱର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ସେପ୍ଟେମ୍ବର ୨୫ରେ ହେବ

ବାଲେଶ୍ୱର, ୨୨/୭ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ଜିଲ୍ଲା କାର୍ଯ୍ୟକାରୀଣି ବୈଠକ ଆଜି ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ପ୍ରତିକାର ସମ୍ପର୍କରେ ବିଶଦ ଭାବେ ଆଲୋଚନା କରଯାଇଥିଲା । ବିଶେଷ କରି ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଓ ଅଧିସ୍ୱୀକୃତି ସଂମ୍ପର୍କରେ ଆଗାମୀ ଦିନରେ କି ପ୍ରକାର ପଦକ୍ଷେପ ନେବାକୁ ହେବ ସେ ସଂମ୍ପର୍କରେ ସଦସ୍ୟ ମାନଙ୍କ ମତାମତ ନିଆଯାଇଥିଲା । ଛପା, ବୈଦ୍ୟୁତିକ ଓ ସୋସିଆଲ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସାମ୍ବାଦିକ ମାନଙ୍କ ପ୍ରସଙ୍ଗରେ ମଧ୍ୟ କାର୍ଯ୍ୟକାରୀଣି ବୈଠକ ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ୟୁନିଅନର ବର୍ଷ ବ୍ୟାପୀ କାର୍ଯ୍ୟକ୍ରମ ସଂମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବା ସହ ବିଭିନ୍ନ ପ୍ରକାର ଜନ ସଚେତନତା




କାର୍ଯ୍ୟକ୍ରମ କୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସଭ୍ୟ ସଂଗ୍ରହ ଓ ନବୀକରଣ, ଦ୍ୱିବାର୍ଷିକ ସମ୍ମିଳନୀ ପାଇଁ ଦିନ ଧାର୍ଯ୍ୟ କରାଯିବା ସହ ପୂର୍ବ ବର୍ଷ ଭଳି ଏକ ସ୍ମରଣିକା ପ୍ରକାଶନ କରାଯିବାକୁ ସ୍ଥିର କରାଯାଇଛି । ୟୁନିଅନର ଦ୍ୱି - ବାର୍ଷିକ ସମ୍ମିଳନୀ ସେପଟ୍ଟେମ୍ବର ମାସ ୨୫ ତାରିଖରେ ଅନୁଷ୍ଠିତ କରାଯିବାକୁ ସ୍ଥିର କରାଯାଇ ଏହାର ସଫଳତା ପାଇଁ ସମସ୍ତ ସଦସ୍ୟ ସହଯୋଗ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି । ସ୍ମରଣିକା ପାଇଁ ଲେଖା ଓ ବିଜ୍ଞାପନ ଅଗଷ୍ଟ ମାସ ଶେଷ ସୁଦ୍ଧା ପହଞ୍ଚିବା ଉପରେ ଆଲୋଚନା କରଯାଇଥିଲା । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ରାମନାରାୟଣ ଶତପଥି ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର କୁମାର ମହାକୁଡ଼,ବରିଷ୍ଠ ସଦସ୍ୟ ତଥା ଉପଦେଷ୍ଟା ଶିଶିର କୁମାର ଦାସ,, ଉତ୍କଳ ବନ୍ଧୁ ପଣ୍ଡା, ଅଜିତ କୁମାର ମହାନ୍ତି ଅରୂପ କୁମାର ଦାସ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ, ସଞ୍ଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମା' ରମାଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧା ସୁମନ ଅର୍ପଣ

ଭୁବନେଶ୍ୱର, ୨୨/୭ (ନି.ପ୍ର): ମା' ରମାଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ମା' ରମାଦେବୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସମାଜ ସଂସ୍କାର ଏବଂ ନାରୀ ସଶକ୍ତିକରଣ ଦିଗରେ ମା' ରମାଦେବୀଙ୍କ ଅବଦାନ ଅତୁଳନୀୟ । ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମା' ରମାଦେବୀ । ମା' ରମାଦେବୀଙ୍କ ଦେଶପ୍ରେମ ଓ ସମାଜସେବା ସଦାସର୍ବଦା ଆମ ସମସ୍ତଙ୍କୁ ଏକ ସଶକ୍ତ ସମାଜ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କରିବା ଦିଗରେ ଅନୁପ୍ରାଣିତ କରିବ ।

# ଘୋଷଣା ହେଲା ବର୍ଷା ସାହିତ୍ୟ ସମ୍ମାନ-୨୦୨୬

## ଗୁଣାତ୍ମକ ବହିକୁ ମିଳିବ ସମ୍ମାନ, ଅଗଷ୍ଟ ୦୨ରେ ବର୍ଷା ଉତ୍ସବ

ଭୁବନେଶ୍ୱର, ୨୨/୭ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ପୁସ୍ତକ ପ୍ରକାଶନୀ ସଂସ୍ଥା, ବର୍ଷା ପବ୍ଲିକେସନ୍ ପକ୍ଷରୁ 'ଚତୁର୍ଥ ବର୍ଷା ସମ୍ମାନ-୨୦୨୬' ଘୋଷଣା କରାଯାଇଛି । ଆସନ୍ତା ଅଗଷ୍ଟ ମାସ ୨ ତାରିଖରେ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଥିବା 'ଚତୁର୍ଥ ବର୍ଷା ଉତ୍ସବ'ରେ ଏହା ପ୍ରଦାନ କରାଯିବ । ବର୍ଷା ପବ୍ଲିକେସନ୍, ସବୁବେଳେ ଗୁଣାତ୍ମକ ମାନ ଥିବା ବହିର ସମ୍ମାନ କରିବା ସହିତ ଏହାର ପ୍ରକାଶ, ପ୍ରଚାର, ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଲେଖକ ଅପେକ୍ଷା ଲେଖାକୁ ବା ସେମାନଙ୍କ କଳାତ୍ମକ କୃତିକୁ ଅଧିକ ସମ୍ମାନ ଦେବାରେ ବିଶ୍ୱାସ ରଖେ ବର୍ଷା ପବ୍ଲିକେସନ୍ । ସେହି କ୍ରମରେ ଚଳିତ ବର୍ଷର ଯେଉଁ ତିନୋଟି ପୁସ୍ତକକୁ ସମ୍ମାନୀତ କରାଯିବ, ସେଗୁଡ଼ିକ ହେଲା ଯଥାକ୍ରମେ; 'ବର୍ଷା ନାଟକ ସମ୍ମାନ-୨୦୨୬' ପାଇଁ ବିଖ୍ୟାତ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ନାଟକ ପୁସ୍ତକ 'କବିଙ୍କ ନାମ ବେଦବ୍ୟାସ', ବର୍ଷା କବିତା ସମ୍ମାନ ପାଇଁ ବିଶିଷ୍ଟ କବି ରମାକାନ୍ତ ସାମନ୍ତରାୟଙ୍କ କବିତା ପୁସ୍ତକ 'ଅସରନ୍ତି ରେଖାଚିତ୍ର' ଏବଂ ବର୍ଷା ଉନ୍ମେଷ ସମ୍ମାନ ପାଇଁ ଯୁବ ପ୍ରାବନ୍ଧିକ ଦିପୁନ୍ ପୁହାଣଙ୍କ ପ୍ରବନ୍ଧ ପୁସ୍ତକ 'ଦେହ ଦେହଳୀର ପଦ୍ୟ'କୁ ନିର୍ବାଚିତ କରାଯାଇଛି । ଆଗାମୀ ଅଗଷ୍ଟ ୨ ତାରିଖ ଦିନ ଗୀତଗୋବିନ୍ଦ ସଦନରେ ହେବାକୁ ଥିବା ଏକଦିନବ୍ୟାପୀ କାର୍ଯ୍ୟକ୍ରମ 'ଚତୁର୍ଥ ବର୍ଷା ଉତ୍ସବ'ରେ ଏହା ପ୍ରଦାନ କରାଯିବ । ଏଥି ସହିତ ବର୍ଷା ପବ୍ଲିକେସନ୍ ପ୍ରକାଶିତ ଦଶରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚନ, 'ପିଲାଦିନ' ଶୀର୍ଷକ ଏକ ଆଲୋଚନା ଚକ୍ର, କବି ବାଦଲ ମହାନ୍ତିଙ୍କ ଦୀର୍ଘ କବିତା 'ଆଖି'ର ଆଭାଷୀ ନାଟକ ପରିବେଷଣ, 'ପିଲାଦିନ' ଉପରେ ପର୍ଯ୍ୟବେସିତ ଓ ନିର୍ବାଚିତ ୧୨ଟି ମନୋଜ୍ଞ କବିତା ପାଠ, 'ପିଲାଦିନ' ସମ୍ପର୍କିତ ୫ଟି ଗଳ୍ପର ମୁଖ୍ୟାଂଶ ପାଠ । ଏବଂ ଶେଷରେ ଯୁବ ସିନେ ନିର୍ଦ୍ଦେଶକ ବିଶ୍ୱନାଥ ନାୟକଙ୍କ 'ପିଲାଦିନ' ବିଷୟବସ୍ତୁ ଆଧାରିତ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ଉତ୍ସବରେ ସାହିତ୍ୟାନୁରାଗୀ ବ୍ୟକ୍ତିବିଶେଷଙ୍କୁ ବିପୁଳ ସଂଖ୍ୟାରେ ଯୋଗ ଦେବାକୁ ବର୍ଷା ପବ୍ଲିକେସନର ନିର୍ଦ୍ଦେଶକ ବାଦଲ ମହାନ୍ତି ଅନୁରୋଧ କରିଛନ୍ତି ।

# ଜାମିନରେ ଗଲେ ବିବାଦୀୟ ରେଞ୍ଜର ସୁବ୍ରତ ବେହେରା

ନୀଳଗିରି , ୨୨/୭ (ନି.ପ୍ର): ଗାଡି ଓଭରଟେକକୁ ନେଇ ନୀଳଗିରିର ତତ୍କାଳୀନ ରେଞ୍ଜର ସୁବ୍ରତ ବେହେରା ଓ ବାଲେଶ୍ୱର ବନଖଣ୍ଡ କାର୍ଯ୍ୟାଳୟରେ ଅବସ୍ଥାପିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ରଙ୍କ ମଧ୍ୟରେ ଉପୁଜିଥିବା ବିବାଦକୁ ନେଇ ବରହମପୁର ଥାନାରେ ଏତଲା ଓ ପ୍ରତି ଏତଲା ରୁଜୁ ହୋଇଥିଲା । ଯାହାକୁ ନେଇ ବିବାଦୀୟ ରେଞ୍ଜର ଙ୍କୁ ଗିରଫ କରିବାକୁ ବରହମପୁର ଥାନାର ତତ୍କାଳୀନ ଆଇ ଆଇ ସି ପ୍ରେମଦା ନାୟକ ଟାଳଟୁଳ ନୀତି ଅବଲମ୍ବନ କରିଆସୁଥିଲେ । ଆଇ ଆଇ ସି ପ୍ରେମଦା ନାୟକଙ୍କ ବଦଳି ହେବାପରେ ଏହାର ସୁଯୋଗନେଇ ରେଞ୍ଜର ଶ୍ରୀ ବେହେରା ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ ଆଦେଶପ୍ରାପ୍ତ ପରେ ନୀଳଗିରିର ମାନ୍ୟବର ଏସ୍ ଡି ଜେ ଏମ୍ ଙ୍କ ଅଦାଲତରେ ଆଜି ୨୨ଜୁଲାଇରେ ଜାମିନରେ ଯାଇଛନ୍ତି । ତେବେ ତାଙ୍କ ନାମରେ ବହୁ ମୋକଦ୍ଦମା ଏବେବି ବିଭିନ୍ନ ଥାନାରେ ପଡିରହିଥିବା ବେଳେ ସେ ପୁଣି କେବେ ଜାମିନରେ ଯିବେ ନା ପୋଲିସ ତାଙ୍କୁ ଗିରଫକରିବ ତାକୁ ନେଇ ଦ୍ୱନ୍ଦ ଦେଖାଦେଇଛି । ପୂର୍ବରୁ ଆଠଗଡରେ ରେଞ୍ଜର ଥିବାବେଳେ ଏକ ନରହତ୍ୟା ମାମଲାରେ ଜେଲଯାଇ ଫେରିଥିବାବେଳେ ଓ ତାହା ବିଚାରାଧୀନ ଥିବାବେଳେ ତାଙ୍କ ନାମରେ ଗୋଟାଏ ପରେ ମୋକଦ୍ଦମା ଯୋଡ଼ି ହୋଇଚାଲିଛି । ଏଭଳି ବିବାଦୀୟ ରେଞ୍ଜରଙ୍କ ପ୍ରତି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଧୀରେଧୀରେ ଜନଅସନ୍ତୋଷ ବୃଦ୍ଧିପାଇଥିବା ଦେଖାଦେଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଶିକାରୀମାନଙ୍କୁ ଗିରଫକରିବା ଓ ସେମାନଙ୍କ ମୋବାଇଲକୁ ଜବତ କରି ସେହି ମୋବାଇଲ ନମ୍ବରରୁ ହ୍ୱାଟସଫ କ୍ରିଏଟକରି ନୀଳଗିରିର



ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ପଠାଇବା ଏବଂ ରତିକାନ୍ତ ପରିଡ଼ା ନାମକ ଜୈନିକ ସୂଚନାକର୍ମୀଙ୍କ ଜାଲ ଦସ୍ତଖତ ଓ ଭୋଟର ପରିଚୟ ପତ୍ରକୁ ସଂଯୋଗକରି ପୂର୍ବର ଡି ଏଫ୍ ଓ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ନାନାଦି ସମ୍ବେଦନଶୀଳ ବାର୍ତ୍ତାପଠାଇ ଶ୍ରୀ ପରିଡ଼ାଙ୍କ ସଂପୃକ୍ତିନେଇ ଅପପ୍ରଚାର କରିବା କାରଣରୁ ଗତ ୨୬.୪.୨୦୨୬ତାରିଖରେ ବରହମପୁର ଥାନାରେ ଶ୍ରୀ ପରିଡା ଏତଲା ଦେବାସହିତ ଡି ଏଫ ଓଙ୍କ ଠାରେ ଅଭିଯୋଗ କରିଥିଲେ । ଶ୍ରୀ ପରିଡ଼ାଙ୍କ ଅଭିଯୋଗ ମୂଳେ ଡି ଏଫ୍ ଓ ଏସିଏଫ୍ଓ ତଟିନୀ ସେଠୀଙ୍କୁ ତଦନ୍ତ କରିବାକୁ ଦାୟୀତ୍ୱ ଦେଇଛନ୍ତି ।ଅଭିଯୋଗ ଭିତ୍ତିରେ ଶ୍ରୀ ପରିଡ଼ାଙ୍କୁ ଡକାଯାଇ ଏସସିଏଫ୍ ତଟିନୀ ସେଠୀ ତଦନ୍ତକରିଥିବା ବେଳେ ଅଦ୍ୟାବଧି ପର୍ଯ୍ୟନ୍ତ ଅନ୍ୟ ପକ୍ଷକୁ ଡ଼କାଯାଇ ତଦନ୍ତନକରି ମାସମାସ ଗଡ଼ାଇ ଚାଲିବା କେଉଁଠି ନା କେଉଁଠି ତଦନ୍ତକୁ ବାଟବଣା କରିବାର ଯୋଜନା ରଚାଯାଉଥିବାର ଅଭିଯୋଗ ଉଠିଛି ।'କିଚକ ବାହୁବଳେ ବିରାଟ ରାଜା' ଭଳି ରେଞ୍ଜର ସୁବ୍ରତ କୁମାର ବେହେରାଙ୍କ ଉପର ମହଲାରେ ହାତଥିବାରୁ ଘଟଣାକୁ ଚାପି ଦେବାକୁ ଷଡ଼ଯନ୍ତ୍ର କରାଯାଉଥିବା ଶୁଣିବାକୁ ମିଳେ । ତେବେ କେବେ ସରିବ ତଦନ୍ତ ? ଏବଂ ଦୋଷୀଙ୍କ ବିରୁଦ୍ଧରେ କେବେହେବ କାର୍ଯ୍ୟାନୁଷ୍ଠାନ ତାକୁ ନେଇ ସମସ୍ତଙ୍କର ଅପେକ୍ଷା ।

# ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଯେଉଁଠି ଅଛି ସେଇଠି ରହିବ: ବିଧାୟକ ପ୍ରଶାନ୍ତ ଜଗଦେବ ଦୃଢ଼ୋକ୍ତି

ଖୋର୍ଦ୍ଧା , ୨୨/୭ (ନି.ପ୍ର): ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଇଚ୍ଛା । ଏ ବାବଦ ୧୧୭କୋଟି ସରକାର ପାଣ୍ଠି ଦେଇଛନ୍ତି । ଖୋର୍ଦ୍ଧା ବାସୀ ଖୁସି । ଶୁଣିବାକୁ ମିଳେ କିଛି ଲୋକ ସପକ୍ଷ ଓ ବିପକ୍ଷ । ମତ ଦେଉଛନ୍ତି ଓ ଅନ୍ୟ ସ୍ଥାନ କହୁଛନ୍ତି । ମାତ୍ର ଖୋର୍ଦ୍ଧା ବିଧାୟକ ଏ ବାବଦରେ ଦୃଢ଼ ଭାବେ ଖଣ୍ଡନ କରି କହିଚନ୍ତି କୌଣସି ମତେ ନୂଆ ବସ ଷ୍ଟାଣ୍ଡ ସ୍ଥିର ହୋଇଥିବା ଯାଗାରେ ହେ୍ବ ହିଁ ହେ୍ବ । ଖୋର୍ଦ୍ଧା ଉକ୍ତ ଯାଗା ଖୋର୍ଦ୍ଧା ପୌରପରିଷଦ ଭିତରେ ଉପଯୁକ୍ତ ସ୍ଥାନ ।ସେ ବାବଦରେ ଟେଣ୍ଡର ପ୍ରକ୍ରିୟା ସରିଛି । ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଖୋର୍ଦ୍ଧା ବିଧାୟକ କହୁଛନ୍ତି । ସମ୍ଭବ ତ ବର୍ଷା ଦିନ ପରେ ଆରମ୍ଭ କରାଯିବ । ଖୋର୍ଦ୍ଧା ସଚେତନ ନାଗରୀକ, ବରିଷ୍ଠ ନାଗରିକ ଓ ଖୋର୍ଦ୍ଧା ସ୍ଥାୟୀ ବାସିନ୍ଦା ସ୍ୱାଗତ କରୁଛନ୍ତି ।




# ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ମୂଷାଡ଼ିଆ ସ୍କୁଲକୁ ସୁବିଧା ଉପକରଣ ଦାନ ଅଭିଯାନ

ପାରାଦୀପ, ୨୨/୭ (ନି.ପ୍ର): ପାରାଦୀପ ଉପକଣ୍ଠ ମୂଷାଡ଼ିଆ ୟୁ.ପି.ସ୍କୁଲ ର ପ୍ରକଳ୍ପ ପାଠାଗାର ଏବଂ ଭିତ୍ତିଭୂମିକୁ ସମର୍ଥନ ଓ ସହଯୋଗ କରିବା ପାଇଁ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି । ଏନେଇ ଆଜି ଇଫକୋ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଇଫକୋର ପ୍ରଥମ ମହିଳା ଶ୍ରୀମତୀ ମମତା ପଟେଲ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ଶ୍ରୀମତୀ ସୁଚିତ୍ରା ମୂର୍ତ୍ତି, ସମ୍ପାଦିକା ଶ୍ରୀମତୀ ପ୍ରିୟଙ୍କା ଯାଦବ, ଶ୍ରୀମତୀ ରଞ୍ଜନା ଓଝା, ଶ୍ରୀମତୀ ପ୍ରଣତି ନାୟକ ଏବଂ




ଜ୍ୟୋତି ଲେଡିଜ୍ କ୍ଲବ ଇଫକୋର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ସ୍କୁଲର ଏହି ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ତୃଣମୂଳ ସ୍ତରରେ କଲ୍ୟାଣ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରାଯାଇଥିଲା ଏବଂ ଜ୍ୟୋତି ଲେଡିଜ୍ କ୍ଲବ ସ୍କୁଲ ପାଇଁ ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ଏହି ଅନୁଦାନ ଲାଇବ୍ରେରୀ ଏବଂ ଶ୍ରେଣୀଗୃହ ସୁବିଧାକୁ ଉନ୍ନତ କରିବ ଏବଂ ମୂଷାଡ଼ିଆ ପ୍ରୋଜେକ୍ଟ ୟୁ.ପି.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ । ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପଟେଲ ଇଫକୋର ନିରନ୍ତର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ । 'ଇଫକୋର ଜ୍ୟୋତି ଲେଡିଜ୍ କ୍ଲବ ଯେତେବେଳେ ଏବଂ ଯେଉଁଠାରେ ସାହାଯ୍ୟର ଆବଶ୍ୟକତା ପଡ଼ିବ ସେତେବେଳେ ଏପରି କାର୍ଯ୍ୟକ୍ରମ ଜାରି ରଖିବ,' ବୋଲି ସେ କହିଥିଲେ । 'ଯେଉଁ ସ୍ଥାନରେ ସାହାଯ୍ୟ ପହଞ୍ଚିବା ସମ୍ଭବ ନୁହେଁ, ସେଠାରେ ମଧ୍ୟ ଇଫକୋ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ଯୋଗାଇବା ପାଇଁ ପଦକ୍ଷେପ ନେବ ।' ଏହି କାର୍ଯ୍ୟକ୍ରମକୁ ଇଫକୋ ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସଫଳତାର ସହିତ ପରିଚାଳନା କରିଥିଲେ । ଏହି ପଦକ୍ଷେପ କ୍ଲବର ପୂର୍ବ ଦାନଶୀଳ ପ୍ରୟାସ ଉପରେ ଆଧାରିତ, ଭବିଷ୍ୟତରେ ଏପରି କାର୍ଯ୍ୟକଳାପକୁ ବଜାୟ ରଖିବା ଏବଂ ବିସ୍ତାର କରିବାର ଯୋଜନା ସହିତ, ଓଡ଼ିଶାର ଶିଳ୍ପ କେନ୍ଦ୍ରରେ ସାମୁଦାୟିକ ଉନ୍ନତିରେ ଇଫକୋ ର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ସୂଚନା ଦିଆଯାଇଛି ।

# ଆସ୍ଥା ଫେଡେରେସନ ବସ୍ତାର ପୁନଃଗଠନ ଦାବିରେ ଆମରଣ ଅନଶନ

ବସ୍ତା, ୨୨/୭ (ନି.ପ୍ର): ଆସ୍ଥା ଫେଡେରେସନ ବସ୍ତାର ପୁନଃଗଠନ ଦାବିରେ ବସ୍ତା ବ୍ଲକ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟାମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନ ଆରମ୍ଭ କରିଛନ୍ତି । ଦୀର୍ଘଦିନ ଧରି ସେମାନଙ୍କ ଦାବି ପୂରଣ ନ ହେବା ସହ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପ୍ରାୟ ସାତ ମାସ ଧରି ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି । ଅନଶନକାରୀ ମହିଳାମାନଙ୍କ କହିବା ଅନୁଯାୟୀ ଆସ୍ଥା ଫେଡେରେସନର ପୁନଃଗଠନ ସମ୍ପର୍କରେ ସକ୍ଷମ ବୋଲି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ତାହାକୁ କାର୍ଯ୍ୟକାରୀ କରୁନାହିଁ । ଏହାକୁ ନେଇ ବାରମ୍ବାର ଦାବିପତ୍ର ଦେବା ସହ ବିଭିନ୍ନ ସ୍ତରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ସେମାନେ ବାଧ ହୋଇ ଆମରଣ ଅନଶନର ପଥ ବାଛିଥିବା କହିଛନ୍ତି । ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଆସ୍ଥା ଫେଡେରେସନର ପୁନଃଗଠନ କରାଯାଉ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି । ଶେଷରେ ବସ୍ତା ବିଡିଓ ମିହିର ରଞ୍ଜନ ବେହେରା ଆନ୍ଦୋଳନକାରୀଙ୍କ ଦାବି ଅବିଳମ୍ବେ ପୂରଣ ହେବ ବୋଲି ପ୍ରତି ଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida